ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୩୧/୨୦୨୩ (୨୦ ପୃଷ୍ଠା) | Bhubaneswar, Tuesday, January 31/2023 | Page 20 | ₹ 7.00 | DHENKANAL

୪୯ଶ ଭାଗ ୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 49 ISSUE 68 | ମୂଲ୍ୟ ₹୭/-



ଇସ୍ତଫା ଦେଲେ ଗ୍ରାହାମ ରିଡ୍

ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି ଗ୍ରାହାମ ରିଡ୍।

୨୦ ୦୨

'ଏଲୋନ୍'ରେ କପିଲ

କମେଡିଆନ୍ କପିଲ ଶର୍ମା ପଞ୍ଜାବୀ ଗାୟକ ଗୁରୁ ରନ୍‌ଧାୱାଙ୍କ ସହ ମ୍ୟୁଜିକ୍ ଭିଡିଓ 'ଏଲୋନ୍'ରେ ଦେଖିବାକୁ ମିଳିବେ।

ଭାରତ ଯୋଡୋ ଯାତ୍ରାର ଶେଷ ଦିନ ସୋମବାର ଶ୍ରୀନଗରରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

ଭାରତ ଯୋଡ଼ୋ ଯାତ୍ରା ଶେଷ

ଶ୍ରୀନଗର,୩୦।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡ଼ୋ ଯାତ୍ରା ସୋମବାର ଶେଷ ହୋଇଛି। ଏହି ଅବସରରେ ଶ୍ରୀନଗରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବା ସହ ଶେର୍-ଇ-କଶ୍ମୀର ଷ୍ଟାଡିୟମରେ ଏକ ରାଲିର ଆୟୋଜନ କରାଯାଇଥିଲା। ସେଥିରେ ଅନେକ ବିରୋଧୀ ଦଳ ନେତା ଯୋଗ ଦେଇଥିଲେ। ରବିବାର ଲାଲ୍‌ଚୌକରେ ରାହୁଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ପଦଯାତ୍ରା ଶେଷ ହୋଇଥିଲା। ସୋମବାର ଶ୍ରୀନଗରରେ ତୁଷାରପାତ ମଧ୍ୟରେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରାଯାଇଛି।

ଗତବର୍ଷ ସେପ୍ଟେମ୍ବର ୭ରେ ତାମିଲନାଡୁର କନ୍ୟାକୁମାରୀରୁ ଭାରତ ଯୋଡ଼ୋ ଯାତ୍ରା ଆରମ୍ଭ ହୋଇଥିଲା। ଏହା ପାଖାପାଖି ୫ ମାସରେ ୧୨ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଦେଇ ୪,୦୦୦ରୁ ଊର୍ଦ୍ଧ୍ୱ କିଲୋମିଟର ଅତିକ୍ରମ କରିଛି। ଏହି ଅବସରରେ ରାହୁଲ ୧୨ଟି ସାଧାରଣ ସଭା, ଶତାଧିକ ପଥପ୍ରାନ୍ତ ସଭା ଏବଂ ୧୩ଟି ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ କରିଛନ୍ତି। ଏହି ପଦଯାତ୍ରାରେ ବିଭିନ୍ନ ଦଳର ନେତା, ବହୁ ବିଶିଷ୍ଟ ବ୍ୟକ୍ତି, ସେଲିବ୍ରିଟିଙ୍କ ସମେତ ହଜାର ହଜାର ଦଳୀୟ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ଯାତ୍ରା ଯାଇଥିବା ପ୍ରତ୍ୟେକ ରାଜ୍ୟରେ ଏହାକୁ ଉଚ୍ଛ୍ୱସିତ ସମର୍ଥନ ମିଳିଥିଲା। ଉଦ୍‌ଯାପନୀ ଦିବସ ରାଲିରେ ଯୋଗଦେବା ଲାଗି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଟିଏମ୍‌ସି, ଜେଡିୟୁ, ଶିବସେନା, ତେଲୁଗୁ ଦେଶମ ପାର୍ଟି, ନ୍ୟାଶନାଲ କନ୍‌ଫରେନ୍ସ, ପିପୁଲ୍ସ ଡେମୋକ୍ରାଟିକ ପାର୍ଟି, ସମାଜବାଦୀ ପାର୍ଟି ସମେତ ୨୦ରୁ ଊର୍ଦ୍ଧ୍ୱ ବିରୋଧୀ ଦଳଙ୍କୁ ଆମନ୍ତ୍ରଣ କରିଥିଲେ। ଭାରତ ଯୋଡ଼ୋ ଯାତ୍ରା ସଫଳ ହୋଇଥିବା ଦଳ ପକ୍ଷରୁ ଦାବି କରାଯାଉଥିବାବେଳେ ଏହା ଭୋଟ ସଂଗ୍ରହ କରିବାରେ କେତେଦୂର ସକ୍ଷମ ହେବ ତାହା ଅସ୍ପଷ୍ଟ ରହିଥିବା ବିଶ୍ଳେଷକମାନେ ମତ ଦେଇଛନ୍ତି। ତେବେ ସମାଜରେ ଘୃଣା ଓ ଭୟର ପ୍ରସାର ବିରୋଧରେ ସବୁ ଭାରତୀୟଙ୍କୁ ଏକାଠି କରିବା ଭାରତ ଯୋଡ଼ୋ ଯାତ୍ରାର ଉଦ୍ଦେଶ୍ୟ ଥିଲା ବୋଲି ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ କହିଛନ୍ତି। ୨୦୧୪ରୁ କ୍ରମାଗତ ନିର୍ବାଚନ ହାରି ଆସୁଥିବା କଂଗ୍ରେସ ଦଳରେ ଉତ୍ସାହ ବଢ଼ାଇବା ପଦଯାତ୍ରାର ଉଦ୍ଦେଶ୍ୟ ଥିଲା ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଗ୍ରେନେଡ୍ ନୁହେଁ, ସ୍ନେହ ଦେଇଛନ୍ତି କଶ୍ମୀରୀ: ରାହୁଲ

କେତେଜଣ ବ୍ୟକ୍ତି ଆକ୍ରମଣ ଭୟ ଦେଖାଇ କଶ୍ମୀରରେ ପଦଯାତ୍ରା ନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଉପତ୍ୟକାକୁ ନିଜ ଘର ଏବଂ ଏହାର ଅଧିବାସୀଙ୍କୁ ପରିବାର ସଦସ୍ୟ ଭାବି ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲି। କଶ୍ମୀର ଜନସାଧାରଣ ମୋତେ ହ୍ୟାଣ୍ଡ ଗ୍ରେନେଡ୍ ନୁହେଁ, ହୃଦୟଭରା ପ୍ରେମ ଦେଇଛନ୍ତି ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।

ଚର୍ଚ୍ଚାରେ ହତ୍ୟାର କାରଣ

ନବ ଦାସ ହତ୍ୟାକାଣ୍ଡ

- ଅଭିଯୁକ୍ତ ଏଏସ୍‌ଆଇ ଗୋପାଳ କୋର୍ଟ ଚାଲାଣ
- ଚାକିରିରୁ ବରଖାସ୍ତ କଲେ ଝାରସୁଗୁଡ଼ା ଏସ୍‌ପି
- କାରଣ ସମ୍ପର୍କରେ ମୁହଁ ଖୋଲୁନି କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ୍, ୩୦।୧

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟାର କାରଣ ଏଯାବତ୍ ସ୍ପଷ୍ଟ ହୋଇ ନାହିଁ। କ୍ରାଇମବ୍ରାଞ୍ଚ ରବିବାରଠାରୁ ପହଞ୍ଚି ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ତଦନ୍ତ ଆରମ୍ଭ କରିଛି। କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା, ଉତ୍ତରାଞ୍ଚଳ ଡିଆଇଜି ଦୀପକ କୁମାର, ଝାରସୁଗୁଡ଼ା ଏସ୍‌ପି ରାହୁଲ୍ ଜୈନ ସୁନ୍ଦରଗଡ଼ ଶଙ୍କରାସ୍ଥିତ ରିଜର୍ଭ ପୋଲିସ ଲାଇନକୁ ଯାଇ ସେଠାରେ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳକୃଷ୍ଣ ଦାସଙ୍କୁ ରବିବାର ରାତିରୁ ମାରାଥନ ଜେରା କରିଛନ୍ତି। ସୋମବାର ଅପରାହ୍ନରେ ଅଭିଯୁକ୍ତ ଗୋପାଳଙ୍କୁ ଗିରଫ ଦର୍ଶାଯାଇଥିଲା। ପରେ ତାଙ୍କୁ ସନ୍ଧ୍ୟା ୭ଟାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସୁନ୍ଦରଗଡ଼ରୁ ଝାରସୁଗୁଡ଼ା ଅଣାଯାଇ ରାତି ପ୍ରାୟ ୧୦ଟାରେ ଝାରସୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏପଟେ ଝାରସୁଗୁଡ଼ା ଏସ୍‌ପି ଜୈନ ଅଭିଯୁକ୍ତ ଏଏସ୍‌ଆଇ ଗୋପାଳଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି। ହେଲେ ପୋଲିସ ପୋଷାକରେ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଗୋପାଳ କାହିଁକି ମନ୍ତ୍ରୀଙ୍କୁ ଗୁଳି କଲେ ତାହା ସ୍ପଷ୍ଟ କରାଯାଇନାହିଁ।

ହତ୍ୟାର କାରଣ ଗୋପାଳ କ୍ରାଇମବ୍ରାଞ୍ଚ ଅଧିକାରୀ ଏବଂ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କ ସମ୍ମୁଖରେ ☞ପୃଷ୍ଠା-୪

ବିଚାର ବିଭାଗୀୟ ତଦନ୍ତ ଲାଗି ଅନୁରୋଧ କଲେ ସରକାର

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଦିବଂଗତ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳିମାଡ଼ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ରାଜ୍ୟ ସରକାର ହାଇକୋର୍ଟଙ୍କୁ ସୋମବାର ଅନୁରୋଧ କରିଛନ୍ତି। ତଦନ୍ତ ପ୍ରକ୍ରିୟାର ତଦାରଖ ପାଇଁ ଗୃହ ବିଭାଗ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିବା ସହ ତଦନ୍ତର ତଦାରଖ ଦାୟିତ୍ୱ ହାଇକୋର୍ଟର ଜଣେ କାର୍ଯ୍ୟରତ କିମ୍ବା ଜଣେ ଅବରସରପ୍ରାପ୍ତ ବିଚାରପତି ଅବା ଜଣେ ଜିଲା ଜଜ୍‌ଙ୍କୁ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ☞ପୃଷ୍ଠା-୪

ପୋଲିସ ହେପାଜତରେ ଅଭିଯୁକ୍ତଙ୍କ ମୃତ୍ୟୁ

ଯୋଡ଼ା/ବଡ଼ବିଲ,୩୦।୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ବଲାଣି, ଯୋଡ଼ା ଓ ବଡ଼ବିଲ ଥାନା ପୋଲିସ ହେପାଜତରେ ଥିବା ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ପୋଲିସ ମାରି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତକ ହେଲେ ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅଧୀନ ବଣେଇ ଚୋରଧରା ଗ୍ରାମର ମିଲୁ ବାରିକ(୪୦)। ବଲାଣି ଥାନା ଅଧୀନ ଲସର୍ଦା ଗ୍ରାମରେ ଡବଲ ମର୍ଡର ଘଟଣାର ଅଭିଯୁକ୍ତମାନଙ୍କ ମଧ୍ୟରୁ ମିଲୁ ହେଉଛନ୍ତି ଅନ୍ୟତମ। ବଡ଼ବିଲ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ବଲାଣି, ଯୋଡ଼ା, ବଡ଼ବିଲ ଥାନା ପୋଲିସର ଏକ ଟିମ୍ ଡବଲ ମର୍ଡର ଘଟଣାର ତଦନ୍ତ କରୁଛି। ଏହି ପୋଲିସ ଟିମ୍ ରବିବାର ରାତିରେ ମିଲୁ ଏବଂ ଲସର୍ଦା ଗ୍ରାମର ଲମ୍ବୋଦର ଆପଟଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ରୁଗୁଡ଼ି ଥାନାକୁ ନିଆଯାଇଥିଲା। ତେବେ ବିଳମ୍ବିତ ରାତିରେ ଯୋଡ଼ା ବ୍ଲକ ଅନ୍ତର୍ଗତ ଜୁରୁଡ଼ିରେ ରହୁଥିବା ମିଲୁଙ୍କ ଭଉଣୀ ମାଳତୀ ଓ ଭିଣୋଇ ନାଗୁଙ୍କୁ ଯୋଡ଼ା ପୋଲିସ ଏକ ଘରୋଇ ହସ୍ପିଟାଲକୁ ଡାକି ମିଲୁଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲା। ମିଲୁ ବଡ଼ବିଲ ରୋଡ୍‌ରେ ପଡ଼ିଥିଲେ ବୋଲି ଯୋଡ଼ା ପୋଲିସ ସେମାନଙ୍କୁ କହିଥିବା ତାଙ୍କ ଭିଣୋଇ ପ୍ରକାଶ କରିଛନ୍ତି। ମାତ୍ର ମିଲୁଙ୍କ ଦେହରେ ଗୁଳି ବାଜିଛି। ପୋଲିସ ତାଙ୍କୁ ମାଡ଼ ମାରିବା ପରେ ଗୁଳି କରି ହତ୍ୟା କରିଥିବା ବାପା ଲୁନି ବାରିକ, ଭଉଣୀ ଓ ଭିଣୋଇ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

ଏ ସଂକ୍ରାନ୍ତରେ ପଚରାଯିବାରୁ ଚମ୍ପୁଆ ଏସ୍‌ଡିପିଓ ରାମରାୟ ମୁର୍ମୁ କହିଛନ୍ତି ଯେ, ରବିବାର ରାତିରେ ବଲାଣି-ଲସର୍ଦା ଡବଲ ମର୍ଡର ଘଟଣାରେ ଫେରାର ଥିବା ଅଭିଯୁକ୍ତ ମିଲୁ ବାରିକଙ୍କୁ ପୋଲିସ ଧରିବାକୁ ସକ୍ଷମ ହୋଇଥିଲା। ତେବେ ପୋଲିସ କବଳରୁ ସେ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ତଳେ ପଡ଼ିଯାଇଥିଲେ। ତଦନ୍ତକାରୀ ଅଧିକାରୀ ତଥା ବଡ଼ବିଲ ଥାନା ଇନ୍ସପେକ୍ଟର ରାଜେନ୍ଦ୍ର ସ୍ୱାଇଁ ତାଙ୍କୁ ପଚରାଉଚୁରା ପାଇଁ ରୁଗୁଡ଼ି ଥାନାକୁ ନେଇଥିଲେ। ସେଠାରେ ମିଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଥିଲା। ତାଙ୍କୁ ଯୋଡ଼ାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଡାକ୍ତରଖାନାକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ପରିବାର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିବା ସହ କୌଣସି ଗୁଳିମାଡ଼ ହୋଇନାହିଁ। ଜାତୀୟ ମାନବାଧିକାର ଆଇନ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଛି ବୋଲି ଏସ୍‌ଡିପିଓ କହିଛନ୍ତି। ☞ପୃଷ୍ଠା-୪

ବଳାତ୍କାର ମାମଲାରେ ଆଶାରାମ ଦୋଷୀ

ଗାନ୍ଧୀନଗର, ୩୦।୧

ଜଣେ ଶିଷ୍ୟାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଆତ୍ମଘୋଷିତ ବାବା ଆଶାରାମ ବାପୁ ସୋମବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଗୁଜରାଟ ଗାନ୍ଧୀନଗର ସେସନ୍ସ କୋର୍ଟ ବିଚାରପତି ଡି.କେ. ସୋନି ମାମଲାର ଦଣ୍ଡ ଶୁଣାଣି ମଙ୍ଗଳବାର କରିବେ। ତେବେ ଏହି ବଳାତ୍କାର ମାମଲାରେ ଆଶାରାମଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କ ସମେତ ୬ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଅହମଦାବାଦ୍‌ରେ ଥିବା ଆଶ୍ରମରେ ପୀଡ଼ିତା ଶିଷ୍ୟା ରହୁଥିବାବେଳେ ଆଶାରାମ ୨୦୦୧ରୁ ୨୦୦୬ ମଧ୍ୟରେ ତାଙ୍କୁ ବାରମ୍ବାର ବଳାତ୍କାର କରିଥିବା କଥା ପୀଡ଼ିତା ନିଜ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏ ନେଇ ପୀଡ଼ିତା ୨୦୧୩ରେ ଅହମଦାବଦର ଚାନ୍ଦଖେଡା ଥାନାରେ ଏଫ୍‌ଆଇଆର୍ ଦେଇଥିଲେ। ପୂର୍ବରୁ ଅନ୍ୟଏକ ବଳାତ୍କାର

ଆଶାରାମ ବାପୁ

ମାମଲାରେ ଆଶାରାମ ଯୋଧପୁରର ଜେଲରେ ସଜା କାଟୁଛନ୍ତି। ଆଶାରାମଙ୍କ ବିରୋଧରେ ୮ ଜଣ ମହିଳା ବଳାତ୍କାର ଅଭିଯୋଗ ଥାନାରେ କରିଥିବାବେଳେ ସମାନଙ୍କ ମଧ୍ୟରୁ ୨୦୧୩ରେ ଜଣଙ୍କ ମୃତ୍ୟୁ ଘଟିଛି।

ମା' କ୍ଷୀରରେ କୀଟନାଶକ

୧୦ ମାସରେ ୧୧୧ ଶିଶୁଙ୍କ ଜୀବନ ଗଲାଣି

ଲକ୍ଷ୍ନୌ,୩୦।୧

ନବଜାତ ଶିଶୁଙ୍କ ପାଇଁ ମା' କ୍ଷୀର ପ୍ରଥମ ଆହାର। ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ଅମୃତ ଆଖ୍ୟା ଦିଆଯାଇଛି। ଡାକ୍ତରଙ୍କ ମତରେ ମା' କ୍ଷୀରରୁ ହିଁ ଶିଶୁକୁ ପୋଷକତତ୍ତ୍ୱ ମିଳିଥାଏ, ଯାହା ଶାରୀରିକ ଓ ମସ୍ତିଷ୍କ ବିକାଶରେ ସାହାଯ୍ୟ କରେ। ତେବେ ଏହି ଆହାର ଏବେ ଘାତକ ସାବ୍ୟସ୍ତ ହୋଇଛି। ଲକ୍ଷ୍ନୌର କୁଇନ୍ ମାରି ହସ୍ପିଟାଲ ପକ୍ଷରୁ କରାଯାଇଥିବା ଅଧ୍ୟୟନ ଅନୁସାରେ ମା' କ୍ଷୀରରେ ପେଷ୍ଟିସାଇଡ୍ (କୀଟନାଶକ) ରହିଛି। ଏଥିଯାଗୁ ଉତ୍ତର ପ୍ରଦେଶର ମହାରାଜଗଞ୍ଜରେ ୧୧୧ ଶିଶୁ ମା' କ୍ଷୀର ପିଇ ପ୍ରାଣ ହରାଇଛନ୍ତି। ଗର୍ଭବତୀ ମହିଳାଙ୍କ କ୍ଷୀରରେ ପେଷ୍ଟିସାଇଡ୍ ରହିଛି ବୋଲି ଦାବି କରୁଥିବା କୁଇନ୍ ମାରି ହସ୍ପିଟାଲ ପକ୍ଷରୁ କରାଯାଇଥିବା ଅଧ୍ୟୟନରେ ମୋଟ ୧୩୦ ଗର୍ଭବତୀ ମହିଳାଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରେ କେତେଜଣ ମାଂସାହାରୀ ଥିବାବେଳେ ଆଉ କେତେକେ ଶାକାହାରୀ ରହିଥିଲେ। ଅଧ୍ୟୟନ

ମୁଖ୍ୟ ପ୍ରଫେସର୍ ସୁଜାତା ଦେବ, ଡା. ଅବ୍ବାସ ଅଲି ମେହେନ୍ଦି ଏବଂ ଡା. ମୈନା ଦ୍ୱିବେଦୀଙ୍କ ମତରେ ଉଭୟ ମାଂସାହାରୀ ଓ ଶାକାହାରୀ ଗର୍ଭବତୀଙ୍କ କ୍ଷୀରରେ ପେଷ୍ଟିସାଇଡ୍ ରହିଛି। କିନ୍ତୁ ମାଛ, ମାଂସ ଖାଉଥିବା ଗର୍ଭବତୀଙ୍କ ତୁଳନାରେ କେବଳ ପନିପରିବା ଖାଉଥିବା ମହିଳାଙ୍କ କ୍ଷୀରରେ କମ୍ ପରିମାଣର ପେଷ୍ଟିସାଇଡ୍ ଅଛି। କେମିକାଲ୍ ଫାର୍ମିଂ ଏହାର ମୁଖ୍ୟ କାରଣ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ପନିପରିବା ଏବଂ ଶସ୍ୟ ଉତ୍ପାଦନ କ୍ଷେତ୍ରରେ କୃଷକମାନେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥମାନ ପ୍ରୟୋଗ କରୁଥିବା ଦେଖାଯାଉଛି। ଅନ୍ୟପକ୍ଷେ ସମୟ ପୂର୍ବରୁ ପଶୁମାନଙ୍କ ଶାରୀରିକ ବିକାଶ ପାଇଁ ପେଷ୍ଟିସାଇଡ୍‌ରେ ତିଆରି ବିଭିନ୍ନ କେମିକାଲ ସପ୍ଲିମେଣ୍ଟ ଇଞ୍ଜେକ୍ସନ୍ ମାଧ୍ୟମରେ ସେମାନଙ୍କୁ ଦିଆଯାଉଛି।

୧୦ ମାସ ଭିତରେ ମହାରାଜଗଞ୍ଜରେ ୧୧୧ ନବଜାତକ ଅଜଣା ରୋଗରେ ପ୍ରାଣ ହରାଇବା ପରେ ଏହା ପଛର କାରଣ ଖୋଜିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଚିଫ୍ ଡେଭଲପମେଣ୍ଟ ଅଫିସର (ସିଡିଓ)ଙ୍କ ଅଧ୍ୟକ୍ଷତାରେ ତିନିଜଣିଆ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ପ୍ରଥମେ ଜିଲାରେ ମା' ଓ ଶିଶୁ ମୃତ୍ୟୁହାର ରିପୋର୍ଟ ନେଇ ଅଧ୍ୟୟନ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ କେତେଜଣ ଗର୍ଭବତୀଙ୍କ କ୍ଷୀରକୁ ନେଇ ପରୀକ୍ଷା ନିରୀକ୍ଷା କରିବା ପରେ ଶାକାହାରୀଙ୍କ ତୁଳନାରେ ମାଂସାହାରୀଙ୍କ କ୍ଷୀରରେ ୩ଗୁଣା ଅଧିକ ପେଷ୍ଟିସାଇଡ୍ ଥିବା ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି।

ପାକ୍ ମସ୍‌ଜିଦ୍‌ରେ ଆତ୍ମଘାତୀ ବିସ୍ଫୋରଣ: ୪୬ ମୃତ

୨

ମହିଳାଙ୍କୁ ନିଯୁକ୍ତି ସୁଯୋଗ ଦେଇଛି କାଜୁ: ମୁଖ୍ୟମନ୍ତ୍ରୀ

୩

ଆଜିର ସମ୍ପାଦକୀୟ

ମନ ଜିଣିବା ଦରକାର

ଆଜିର ମନ୍ତବ୍ୟ

କେତେଜଣ ଦେଶରେ ଜାଣିଶୁଣି ନକାରାତ୍ମକ ବାତାବରଣ ସୃଷ୍ଟି କରୁଛନ୍ତି। ଶାନ୍ତି ଓ ଏକତାର ମିଛ ଦ୍ୱାହି ଦେଇ ଗଣତନ୍ତ୍ରକୁ ବାଟବଣା କରିବାକୁ ଚେଷ୍ଟା ଚଳାଇଛନ୍ତି। ଗଣତନ୍ତ୍ର ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତି ସ୍ୱରଉତ୍ତୋଳନ କରିବା ଆବଶ୍ୟକ।

-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

ମସ୍‌ଜିଦ୍‌ରେ ଆତ୍ମଘାତୀ ବିସ୍ଫୋରଣ: ୪୬ ମୃତ

■ଆକ୍ରମଣ ପାଇଁ ଟିଟିପି ନିଜକୁ ଦାୟୀ କଲା

■ମୃତକଙ୍କ ମଧ୍ୟରୁ ଅଧିକାଂଶ ପୋଲିସ, ଯବାନ

ପେଶାୱର,୩୦।୧(ପି.ଟି.)

ବିସ୍ଫୋରଣରେ ଆହତ ଜଣେ ପାକ୍ ସୁରକ୍ଷାକର୍ମୀଙ୍କୁ ସ୍ୱେଚ୍ଛାସେବୀମାନେ ହସ୍ପିଟାଲ ନେଉଛନ୍ତି।

ପାକିସ୍ତାନର ଉତ୍ତର-ପୂର୍ବ ପେଶାୱର ସହରର କଡ଼ା ସୁରକ୍ଷା ଜୋନ୍ ମଧ୍ୟରେ ଅବସ୍ଥିତ ଏକ ମସ୍‌ଜିଦରେ ସୋମବାର ଅପରାହ୍ନରେ ନମାଜ ପାଠ ବେଳେ ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୪୬ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମୃତାହତଙ୍କ ମଧ୍ୟରୁ ଅଧିକାଂଶ ପୋଲିସ ଓ ଯବାନ। ତେବେ ପେଶାୱର ଏସ୍‌ପି ସେହି ସମୟରେ ମସ୍‌ଜିଦରେ ପ୍ରବେଶ କରୁଥିବାବେଳେ ବିସ୍ଫୋରଣ ହେବାରୁ ସେ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ପୋଲିସ ଲାଇନ ଅଞ୍ଚଳରେ ଅବସ୍ଥିତ ମସ୍‌ଜିଦରେ ଅପରାହ୍ନ ୧ଟା ୪୦ ମିନିଟ ସମୟରେ ପୋଲିସ, ଯବାନ ଏବଂ ବୋମା ନିଷ୍କ୍ରିୟକାରୀଙ୍କ ସମେତ ଉପାସକମାନେ ପ୍ରାର୍ଥନା କରୁଥିବାବେଳେ ଆଗଧାଡ଼ିରେ ଥିବା ବୋମାଧାରୀ ତାଲିବାନ ଆତଙ୍କବାଦୀ ନିଜକୁ ଉଡ଼ାଇ ଦେଇଥିଲେ। ମସ୍‌ଜିଦ ବାହାରେ ଚାରିଆକିଆ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ବୋମାଧାରୀ କିପରି ପ୍ରବେଶ କଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୃତ୍ୟୁସଂଖ୍ୟା ୪୬ ବୋଲି ଲେଡି ରିଡିଂ ହସ୍ପିଟାଲର ଅଧିକାରୀମାନେ ସୂଚନା ଦେଇଥିବାବେଳେ ପେଶାୱର ପୋଲିସ ୩୮ ମୃତକଙ୍କ ତାଲିକା ପ୍ରକାଶ କରିଛି। ବିସ୍ଫୋରଣରେ ମସ୍‌ଜିଦର ଏକ ଅଂଶ ଭୁଶୁଡ଼ି ପଡ଼ିଥିବାରୁ ଏହା ତଳେ କେତେଜଣ ଯବାନ ରହିଯାଇଥିବା ପେଶାୱର ସିଟି ପୋଲିସ ଅଫିସର ମହମ୍ମଦ ଇଜାଜ ଖାନ୍ କହିଛନ୍ତି। ସେମାନଙ୍କ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

ପେଶାୱର ବିସ୍ଫୋରଣ ପାଇଁ ତେହରିକ୍-ଇ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଛି। ଗତବର୍ଷ ଅଗଷ୍ଟରେ ଆଫଗାନିସ୍ତାନରେ ଟିଟିପି କମାଣ୍ଡର ଉମର ଖଲିଦ ଖୁରାସାନିଙ୍କୁ ହତ୍ୟା କରାଯାଇଥିଲା। ସୋମବାରର ଆତ୍ମଘାତୀ ଆକ୍ରମଣ ତାହାର ପ୍ରତିଶୋଧ ବୋଲି ଖୁରାସାନିଙ୍କ ଭାଇ କହିଛନ୍ତି। ପାକିସ୍ତାନୀ ତାଲିବାନ ଭାବେ ପରିଚିତ ବେଆଇନ ସଂଗଠନ ଟିଟିପି ସୁରକ୍ଷା ବଳକୁ ଟାର୍ଗେଟ କରି ଅତୀତରେ ଅନେକ ଆତ୍ମଘାତୀ ଆକ୍ରମଣ କରିଛି। ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ବିସ୍ଫୋରଣ ସମୟରେ ମସ୍‌ଜିଦରେ ୩୦୦ରୁ ୪୦୦ ପୋଲିସ କର୍ମଚାରୀ ଥିଲେ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ହୋଇଥାଇପାରେ ବୋଲି ଖାନ୍ କହିଛନ୍ତି। ଆତ୍ମଘାତୀ ବିସ୍ଫୋରଣକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ କଡ଼ା ନିନ୍ଦା କରିଛନ୍ତି। ଆକ୍ରମଣକାରୀମାନେ ଇସ୍‌ଲାମର କିଛି କରିପାରିବେ ନାହିଁ ବୋଲି ସେ କହିଛନ୍ତି। ଗତବର୍ଷ କୋଚା ରିସାଲଦାର ଅଞ୍ଚଳରେ ଥିବା ଏକ ଶିୟା ମସ୍‌ଜିଦରେ ଆତ୍ମଘାତୀ ଆକ୍ରମଣରେ ୬୩ ଜଣଙ୍କ ମୃତ୍ୟୁ ଘଟିଥିଲା।

ଆଜିଠୁ ବଜେଟ ଅଧିବେଶନ



ପାର୍ଲାମେଣ୍ଟର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ମଙ୍ଗଳବାର ଆରମ୍ଭ ହେଉଛି। ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟ ସଦନର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଏବଂ ଅର୍ଥ ବିଲ୍ ଅନୁମୋଦନକୁ ସରକାର ସର୍ବାଧିକ ପ୍ରାଥମିକତା ଦେବାକୁ ଥିବାବେଳେ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ଯୋଜନା କରିଛନ୍ତି। ଏହି ପ୍ରସଙ୍ଗ ମଧ୍ୟରେ ରହିଛି ଆଦାନୀ-ହିଣ୍ଡେନବର୍ଗ ବିବାଦ, ଦେଶବ୍ୟାପୀ ଜାତିଭିତ୍ତିକ ଅର୍ଥନୈତିକ ଜନଗଣନା ଏବଂ ମହିଳା ସଂରକ୍ଷଣ ବିଲ୍। ୨୦୨୪ରେ ଲୋକ ସଭା ନିର୍ବାଚନ ହେବାକୁ ଥିବାରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବୁଧବାର ତାଙ୍କର ଶେଷ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ ଗୃହରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରାଯିବ।

ଏହି ଅଧିବେଶନରେ ସରକାର ବଜେଟ ସମେତ ୩୬ଟି ବିଲ୍ ଆଣିବା ପାଇଁ ଯୋଜନା ରଖିଛନ୍ତି। ଅଧିବେଶନ ଏପ୍ରିଲ ୬ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ବଜେଟ ପେପର ଯାଞ୍ଚ ଲାଗି ମଝିରେ ମାସେ ଅବକାଶ ରହିବ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଫେବୃୟାରୀ ୧୪ରେ ଶେଷ ହେବାକୁ ଥିବାବେଳେ ମାର୍ଚ୍ଚ ୧୨ରୁ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ।

କୋଭିଡ୍ ଏବେ ବି ଅନ୍ତର୍ଜାତୀୟ ଏମର୍ଜେନ୍ସି :ଡବ୍ଲ୍ୟୁଏଚ୍‌ଓ

ଜେନେଭା, ୩୦।୧:କୋଭିଡ୍-୧୯ ଏବେ ମଧ୍ୟ ଅନ୍ତର୍ଜାତୀୟ ସ୍ତରରେ ଜନସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ହୋଇ ରହିଛି। ମହାମାରୀକୁ ନେଇ ଲୋକେ ହେଳା କରୁଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ପକ୍ଷରୁ ଏହା କୁହାଯାଇଛି। ଲଗାତର ତିନିବର୍ଷ ଧରି ବିଶ୍ୱବାସୀ ମହାମାରୀ କରୋନା ଦାଉରୁ କଲବଲ ହେଉଛନ୍ତି। କୋଭିଡ୍-୧୯ ମହାମାରୀ ଏବେ ବି ଅନ୍ତର୍ଜାତୀୟ ଏମର୍ଜେନ୍ସି ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖ୍ୟ ଟେଡ୍ରୋସ୍ ଆଧାନୋମ ଘେବ୍ରେୟେସସ୍ କହିଛନ୍ତି। ସଂକ୍ରମଣ ଏବେ ନିୟନ୍ତ୍ରଣକୁ ଆସିଥିବାବେଳେ ସତର୍କତା ନ ଆପଣାଗଲେ ପୁଣି କରୋନା ବିଶ୍ୱବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିବ ।

ବୋରିସ୍‌ଙ୍କୁ ହତ୍ୟା ଧମକ ଦେଇଥିଲେ ପୁଟିନ୍

କ୍ରେମଲିନ୍‌ର ଖଣ୍ଡନ

ମସ୍କୋ,୩୦।୧:ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ୍‌ଙ୍କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ହତ୍ୟା ଧମକ ଦେଇଥିବା କଥା ମିଛ ବୋଲି କ୍ରେମ୍‌ଲିନ୍ କହିଛି। କ୍ରେମଲିନ୍ ମୁଖପାତ୍ର ଡିମିଟ୍ରି ପେସକୋଭ କହିଛନ୍ତି ଯେ, ଜନ୍‌ସନ୍ ଯାହା କହିଛନ୍ତି ତାହା ସତ ନୁହେଁ। ପୁଟିନ୍ ପୂର୍ବତନ ପ୍ରଧାନମନ୍ତ୍ରୀ ଜନ୍‌ସନ୍‌ଙ୍କୁ ହତ୍ୟା ଧମକ ଦେବାର କୌଣସି କାରଣ ନାହିଁ। ବର୍ଷକ ମଧ୍ୟରେ ୱାର୍ଲ୍ଡ ଲିଡରଙ୍କ ସହ ପୁଟିନ୍‌ଙ୍କ ବାର୍ତ୍ତାଳାପକୁ ନେଇ ବିବିସି ସୋମବାର ଜାରି କରିଥିବା ଡକ୍ୟୁମେଣ୍ଟାରି ଅନୁସାରେ, ମସ୍କୋ ୟୁକ୍ରେନ୍ ଉପରେ ଆକ୍ରମଣ କରିବାର କିଛିଦିନ ପୂର୍ବରୁ ପୁଟିନ୍ ଟେଲିଫୋନ୍ ଯୋଗେ ଜନ୍‌ସନ୍‌ଙ୍କୁ ହତ୍ୟା ଧମକ ଦେଇଥିବା ଉଲ୍ଲେଖ କରାଯାଇଛି।

ବୋରିସ ଜନ୍‌ସନ୍

୬ରେ ସିଜେଆଇଙ୍କ ଖଣ୍ଡପୀଠରେ ଶୁଣାଣି

ବିବିସି ଡକ୍ୟୁମେଣ୍ଟାରି ବ୍ୟାନ୍‌କୁ ଚାଲେଞ୍ଜ

ନୂଆଦିଲ୍ଲୀ,୩୦।୧

୨୦୦୨ ଗୁଜରାଟ ଦଙ୍ଗା ଉପରେ ବିବିସି ପ୍ରସ୍ତୁତ ଡକ୍ୟୁମେଣ୍ଟାରିକୁ ନିଷେଧ କରିବା ସହ ଏହା ଉପରେ ଟୁଇଟ୍ ଏବଂ ସୋସିଆଲ ମିଡିଆ ପୋଷ୍ଟକୁ ହଟାଇବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଫେବୃୟାରୀ ୬ରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଏହାର ଶୁଣାଣି କରାଯିବ। ବିବିସି ଡକ୍ୟୁମେଣ୍ଟାରି ବ୍ୟାନ୍‌କୁ ଚ୍ୟାଲେଞ୍ଜ କରି ଏମ୍.ଏଲ୍. ଶର୍ମା, ସାମ୍ବାଦିକ ଏନ୍. ରାମ, ଆଇନଜୀବୀ ପ୍ରଶାନ୍ତ ଭୂଷଣ ଏବଂ ଟିଏମ୍‌ସି ଏମ୍‌ପି ମହୁଆ ମୈତ୍ରୀ ପ୍ରମୁଖ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏନ୍. ରାମ, ପ୍ରଶାନ୍ତ ଭୂଷଣ ଏବଂ ଟିଏମ୍‌ସି ଏମ୍‌ପିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ୟୁ ସିଂ ଖଣ୍ଡପୀଠଙ୍କୁ କହିଥିଲେ, ତାଙ୍କ ମହକିଲମାନଙ୍କ ଟୁଇଟ୍‌କୁ କେନ୍ଦ୍ର ସରକାର ହଟାଇ ଦେଇଥିଲେ। ତେବେ ଟୁଇଟ୍ ବ୍ଲକ୍ ପାଇଁ ଆନୁଷ୍ଠାନିକ ଭାବେ ନିର୍ଦ୍ଦେଶନାମା ପ୍ରକାଶ କରାଯାଇ ନ ଥିଲା। ବିବିସି ଡକ୍ୟୁମେଣ୍ଟାରି ପ୍ରଦର୍ଶନକୁ ନେଇ ବିଭିନ୍ନ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ରଙ୍କୁ ନିଲମ୍ବନ କରାଯାଇଛି। ବ୍ୟାନ୍‌କୁ ଅସାମ୍ବିଧାନିକ ଓ ସ୍ୱେଚ୍ଛାଚାର ବୋଲି ଅଭିଯୋଗ କରି ଏମ୍.ଏଲ୍. ଶର୍ମା ଉକ୍ତ ଡକ୍ୟୁମେଣ୍ଟାରିକୁ ପରୀକ୍ଷା କରାଯାଉ ବୋଲି କହିଛନ୍ତି।

ଜାମିନ ଆବେଦନ ଉପରେ ଗୁଜରାଟ ସରକାରଙ୍କୁ ନୋଟିସ

ସୁପ୍ରିମକୋର୍ଟରେ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା

ନୂଆଦିଲ୍ଲୀ,୩୦।୧(ପି.ଟି.)

୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲାରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା କେତେଜଣ ଅପରାଧୀ ଜାମିନ ଆବେଦନ କରିଥିବାରୁ ସୁପ୍ରିମକୋର୍ଟ ଏହା ଉପରେ ଗୁଜରାଟ ସରକାରଙ୍କୁ ଜବାବ ମାଗିଛନ୍ତି। ଗୋଧ୍ରା ଟ୍ରେନ୍ ପୋଡ଼ି ଘଟଣାରେ ମହିଳା ଓ ପିଲାଙ୍କ ସମେତ ୫୯ ଜଣଙ୍କ ମୃତ୍ୟୁ ଘଟିଥିଲା। ତେଣୁ ଏହା ଏକ ସାଧାରଣ ଟେକାମାଡ଼ ଘଟଣା ନୁହେଁ ବୋଲି ଗୁଜରାଟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେତ୍ତା ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠଙ୍କୁ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଦ୍ଦିୱାଲା ରହିଛନ୍ତି। ଏହା ଅତ୍ୟନ୍ତ ବୀଭତ୍ସ ଅପରାଧ ହୋଇଥିବାରୁ ସଲିସିଟର ଜେନେରାଲ ଅପରାଧୀଙ୍କ ଜାମିନକୁ ବିରୋଧ କରିଥିଲେ। ସେ କହିଥିଲେ, କେତେଜଣ କହୁଛନ୍ତି, ଜାମିନ ଆବେଦନ କରିଥିବା ଅପରାଧୀମାନେ କେବଳ ଟେକା ଫିଙ୍ଗିଥିଲେ। ଟ୍ରେନ୍ ବଗିକୁ ବାହାରପଟୁ ବନ୍ଦ କରିଦେଇ ନିଆଁ ଲଗାଇବା ପରେ ଟେକା ଫିଙ୍ଗିବାକୁ ସାଧାରଣ ଢେଲାମାଡ଼ କୁହାଯାଇପାରିବ ନାହିଁ ବୋଲି ମେହେତ୍ତା କହିଥିଲେ। କେତେଜଣ ଅପରାଧୀଙ୍କ ମୃତ୍ୟୁଦଣ୍ଡକୁ ଗୁଜରାଟ ହାଇକୋର୍ଟ ଆଜୀବନ ଜେଲଦଣ୍ଡରେ ବଦଳାଇଥିବାବେଳେ ଏହା ଉପରେ ରାଜ୍ୟ ସରକାର ଆବେଦନ କରିଥିବା ବରିଷ୍ଠ ଆଇନଜୀବୀ ସଞ୍ଜୟ ହେଗ୍‌ଡେ କହିଥିଲେ। ଅବଦୁଲ ରହେମାନ ଧାଣ୍ଡିଆ ଓରଫ କଙ୍କଙ୍କୁ, ଅବଦୁଲ ସତ୍ତାର ଇବ୍ରାହିମ ଗଞ୍ଜି ଆଲସା ଓ ଅନ୍ୟମାନଙ୍କ ଜାମିନ ଆବେଦନ ଉପରେ ଅଦାଲତ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ଆଦାନୀ ପ୍ରସଙ୍ଗ ଉଠାଇଲେ ବିରୋଧୀ

ସର୍ବଦଳୀୟ ବୈଠକରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ ଅବଦୁଲ୍ଲା, ଏନ୍‌ସିପି ନେତା ଶରଦ ପାୱାର, ଏଏପି ନେତା ସଞ୍ଜୟ ସିଂ ପ୍ରମୁଖ ଯୋଗ ଦେଇଛନ୍ତି।

ସର୍ବଦଳୀୟ ବୈଠକ

■ମହିଳା କୋଟା ବିଲ୍ ଗୃହୀତ କରାଯିବାକୁ ବିଜେଡିର ଦାବି

■ନିୟମ ଅନୁଯାୟୀ ସବୁ ପ୍ରସଙ୍ଗ ଆଲୋଚନା ହେବ: କେନ୍ଦ୍ର

ନୂଆଦିଲ୍ଲୀ,୩୦।୧(ପି.ଟି.)

ପାର୍ଲାମେଣ୍ଟର ବଜେଟ ଅଧିବେଶନ ପୂର୍ବରୁ ସୋମବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିରୋଧୀ ଦଳଗୁଡ଼ିକ ଆଦାନୀ ଏବଂ ମହିଳା ସ୍ଥାନ ସଂରକ୍ଷଣ ବିଲ୍ ପ୍ରସଙ୍ଗ ଉଠାଇଥିଲେ। ନିୟମ ଅନୁଯାୟୀ ସମସ୍ତ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଅଧିକାଂଶ ଆଞ୍ଚଳିକ ଦଳ ଆଦାନୀ ଏବଂ ମହିଳା କୋଟା ବିଲ୍ ସମେତ ବେରୋଜଗାରୀ, ଦରଦାମ୍ ବୃଦ୍ଧି, ରାଜ୍ୟଗୁଡ଼ିକୁ ରାଜସ୍ୱ ପ୍ରଦାନରେ କେନ୍ଦ୍ରର ପାତରଅନ୍ତର ଆଦି ପ୍ରସଙ୍ଗ ଉଠାଇଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କହିଥିଲେ, ସରକାର ସବୁବେଳେ ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ତେବେ ସେଗୁଡ଼ିକ ନିୟମ ଅନୁଯାୟୀ ଏବଂ ଗୃହ ଅଧ୍ୟକ୍ଷଙ୍କ ଅନୁମତିକ୍ରମେ ହେବା ଆବଶ୍ୟକ। ସର୍ବଦଳୀୟ ବୈଠକରେ ୨୭ଟି ଦଳରୁ ୩୭ ଜଣ ନେତା ଯୋଗଦେଇଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୈଠକରେ ଉପସ୍ଥିତ ଥିଲେ। କଂଗ୍ରେସର ଅଧିକାଂଶ ନେତା ଭାରତ ଯୋଡ଼ୋ ଯାତ୍ରାରେ ବ୍ୟସ୍ତ ଥିବାରୁ ସର୍ବଦଳୀୟ ବୈଠକରେ ମୁଖ୍ୟ ବିରୋଧୀ ଦଳରୁ କେହି ଉପସ୍ଥିତ ନ ଥିଲେ।

ଆମ୍ ଆଦ୍‌ମୀ ପାର୍ଟି, ଆର୍‌ଜେଡି, ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା, କେ. ଚନ୍ଦ୍ରଶେଖର ରାଓଙ୍କ ବିଆର୍‌ଏସ୍, ଡିଏମ୍‌କେ ଏବଂ ବାମଦଳଗୁଡ଼ିକ ଆଦାନୀ ପ୍ରସଙ୍ଗ ଉଠାଇ ପାର୍ଲାମେଣ୍ଟରେ ଏହା ଉପରେ ଆଲୋଚନା ଦାବି କରିଥିଲେ। ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବର୍ଜନ କରିବା ଲାଗି ବିଆର୍‌ଏସ୍ କେତେକ ବିରୋଧୀ ଦଳ ସହ ଆଲୋଚନା କରିଥିଲା। ୱାଇଏସ୍‌ଆର୍ କଂଗ୍ରେସ, ବିଆର୍‌ଏସ୍, ବିଜୁ ଜନତା ଦଳ, ଟିଏମ୍‌ସି ଆଦି ଦଳ ମହିଳା ସଂରକ୍ଷଣ ବିଲ୍ ଗୃହୀତ କରାଇବା ପାଇଁ ଦାବି କରିଥିଲେ। ସାରା ଦେଶରେ ଜାତିଭିତ୍ତିକ ଅର୍ଥନୈତିକ ଜନଗଣନା ପାଇଁ ୱାଇଏସ୍‌ଆର୍ କଂଗ୍ରେସ ଦାବି କରିଥିଲା। ଏହାକୁ ଜେଡିୟୁ, ଆର୍‌ଜେଡି, ଟିଆର୍‌ଏସ୍, ଟିଏମ୍‌ସି ଏବଂ ବିଜେଡି ସମର୍ଥନ କରିଥିଲେ। ଚାଇନା ସହ ସୀମା ବିବାଦ ପ୍ରସଙ୍ଗ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଉଠାଇଥିଲା।

ସ୍ୱାମୀଙ୍କୁ ଏସିଡ୍ ମାଡ଼ କଲେ ସ୍ତ୍ରୀ

କାନପୁର, ୩୦।୧

ଉତ୍ତର ପ୍ରଦେଶ କାନପୁରରେ ପୁନମ ନାମକ ଜଣେ ମହିଳା ତାଙ୍କ ସ୍ୱାମୀ ଡକୁଙ୍କ ଉପରକୁ ଏସିଡ୍ ମାଡ଼ କରି ଗିରଫ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ପୁନମ ଘରକୁ ବିଳମ୍ବରେ ଆସିବାରୁ ଦୁହିଁଙ୍କ ମଧ୍ୟରେ ଶନିବାର ଝଗଡ଼ା ହୋଇଥିଲା। ଘରକୁ ବିଳମ୍ବରେ ଆସିବାର କାରଣ ଡକୁ ପଚାରିବା ପରେ ପୁନମ ବାଥ୍‌ରୁମ୍‌ରେ ଥିବା ଏସିଡ୍ ଆଣି ସ୍ୱାମୀଙ୍କ ମୁହଁରେ ଫୋପାଡ଼ି ଦେଇଥିଲେ। ଡକୁ ଏବେ ଗୁରୁତର ଆହତ ଅବସ୍ଥାରେ ଉରସାଲା ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ସ୍ଥାନୀୟ ପୋଲିସ ପୁନମଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

କୈଳାସ ଖେର୍‌ଙ୍କୁ ବୋତଲ ଫିଙ୍ଗି ୨ ଗିରଫ

ବେଙ୍ଗାଲୁରୁ, ୩୦।୧

ହିନ୍ଦୀ ଫିଲ୍ମ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ କୈଳାସ ଖେର୍‌ଙ୍କ ଉପରକୁ ବୋତଲ ଫୋପାଡିବା ଅଭିଯୋଗରେ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ରବିବାର କର୍ନାଟକର ହାମ୍ପି ଉତ୍ସବରେ କୈଳାସ ଖେର୍ ମଞ୍ଚରେ ଗୀତ ଗାଉଥିବା ବେଳେ ଅଘଟଣ ଘଟିଥିଲା। ପୋଲିସ ସୂଚନା ମୁତାବକ କୈଳାସ କନ୍ନଡ ଗୀତ ନ ଗାଇବାରୁ ସମ୍ପୃକ୍ତ ଯୁବକ ତାଙ୍କ ଉପରକୁ ବୋତଲ ଫୋପାଡ଼ିଥିଲେ। ବିଜୟନଗର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ଫୁର୍‌ସତ୍

'ଏଲୋନ୍'ରେ କପିଲ

ମୁମ୍ବାଇ: କମେଡିରେ ହସାଇ ହସାଇ ବେଦମ୍ କରାଉଥିବା ବଲିଉଡ୍ ଅଭିନେତା ତଥା କପିଲ ଶର୍ମା ଶୋ'ର ହୋଷ୍ଟ କପିଲଙ୍କ ଆଗାମୀ ଗୀତର ଭିଡିଓ ଆସିବାକୁ ଯାଉଛି। କପିଲ ପଞ୍ଜାବୀ ଗାୟକ ଗୁରୁ ରନ୍‌ଧାୱାଙ୍କ ସହ ଭିଡିଓ କରିବେ। ଏନେଇ ଦୁହେଁ ଏକ ପୋଷ୍ଟ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେଥିରେ କପିଲ ଗୁରୁ ରନ୍‌ଧାୱାଙ୍କ ସହ ପୋଷ୍ଟରେ ନଜରକୁ ଆସିଛନ୍ତି। ଟି-ସିରିଜ୍ ଦ୍ୱାରା ପ୍ରସ୍ତୁତ ଏହି ଗୀତ 'ଏଲୋନ୍' ଫେବୃୟାରୀ ୯ରେ ମୁକ୍ତିଲାଭ କରିବ। ଗାୟକ ରନ୍‌ଧାୱା ଏହି ପୋଷ୍ଟ ଶେୟାର କରି ଲେଖିଛନ୍ତି, କପିଲ ଏବଂ ସେ ଏହି ଗୀତକୁ ଦେଶକୁ ଶୁଣାଇବାକୁ ବହୁତ ଉତ୍ସୁକ ଅଛନ୍ତି। କମେଡିଆନ୍ କପିଲଙ୍କ ସାଙ୍ଗରେ ଏହି ଗୀତକୁ ଗାଇଥିବା ନେଇ ବହୁତ ଖୁସି ଥିବା କହିଛନ୍ତି। ଟି-ସିରିଜ୍‌ରେ ୨ ରକ୍ ଷ୍ଟାର ଗୋଟିଏ ଫ୍ରେମ୍‌ରେ ଅଛନ୍ତି ବୋଲି ଗାୟକ ମିକା ସିଂ କମେଣ୍ଟ କରିଛନ୍ତି। ତେବେ ଏହି ମ୍ୟୁଜିକ୍ ଭିଡିଓ ପାଇଁ ଦର୍ଶକ ଉତ୍ସୁକତାର ସହ ଅପେକ୍ଷା କରିଥିବା ଜଣାପଡ଼ିଛି।

ଜାତୀୟତାବାଦ ଦ୍ୱାରା ଜାଲିଆତିକୁ ଢଙ୍କାଯାଇପାରିବ ନାହିଁ

■ଆଦାନୀଙ୍କ ଅଭିଯୋଗକୁ ହିଣ୍ଡେନ୍‌ବର୍ଗର ଖଣ୍ଡନ

■୭୦ ବିଲିୟନ ଡଲାର ହରାଇଲାଣି ଆଦାନୀ ଗ୍ରୁପ୍

ନୂଆଦିଲ୍ଲୀ,୩୦।୧(ପି.ଟି.)

ଗୌତମ ଆଦାନୀ

ଆମେରିକାର ଶର୍ଟ ସେଲର ହିଣ୍ଡେନବର୍ଗ ରିସର୍ଚ୍ଚ ଭାରତର ସବୁଠୁ ଧନୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍‌ର ଜାଲିଆତି ପଦାରେ ପକାଇବା ପରେ ଏହାର ତାଲିକାଭୁକ୍ତ

ନିରଞ୍ଜନ ପୂଜାରୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱ

ଭୁବନେଶ୍ୱର,୩୦।୧(ବ୍ୟୁରୋ): ନବ କିଶୋର ଦାସଙ୍କ ବିୟୋଗ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଅର୍ଥ, ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଦିଆଯାଇଛି। ରାଜ୍ୟପାଳଙ୍କ ଅନୁମୋଦନକ୍ରମେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିରଞ୍ଜନଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦେଇଛନ୍ତି।

ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳିତ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଜାନୁୟାରୀ ୩୦କୁ ସାରା ଦେଶରେ ଶହୀଦ ଦିବସ ରୂପେ ପାଳନ କରାଯାଉଛି। ଏହି ଉପଲକ୍ଷେ ସୋମବାର ପୂର୍ବାହ୍ନରେ ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଶହୀଦ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଶଶିଭୂଷଣ ବେହେରା, ବିଧାୟକ ଅମର ଶତପଥୀ, ବିଧାୟକ ଭୂପିନ୍ଦର ସିଂହ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଓଡ଼ିଶା ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ କରାଯାଇଥିଲା। ଶାଶ୍ୱତି ସାମାଜିକ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀଗଣ ଗାନ୍ଧିଜୀଙ୍କ ପ୍ରିୟ ଆଶ୍ରମ ଭଜନ 'ବୈଷ୍ଣବ ଜନ ତୋ' ପରିବେଷଣ କରିଥିଲେ। ନୀରବ ପ୍ରାର୍ଥନା ପରେ ଦ୍ୱିତୀୟବାର ତୋପଧ୍ୱନି କରାଯାଇଥିଲା। ଓଡ଼ିଶା ପୋଲିସ ବ୍ୟାଣ୍ଡ

ଦ୍ୱାରା ରାମଧୁନ ପରିବେଷଣ ଓ ଜାତୀୟ ସଂଗୀତ ବାଦନ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ବିଧାନସଭା ସଚିବ ଦାଶରଥି ଶତପଥୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ)ସୁରେନ୍ଦ୍ର ନାଥ ପରିଡ଼ା ଓ ଅନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

- **ନବ ଦାସଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଲେ ତୁଙ୍ଗ ନେତା**
- **ଝାରସୁଗୁଡ଼ା ଜିଲାରେ ଶୋକାକୁଳ ପରିବେଶ**

ଝାରସୁଗୁଡ଼ା ଅଫିସ,୩୦।୧

ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ରବିବାର ବ୍ରଜରାଜନଗର ଗାନ୍ଧୀ ଛକରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ପୋଲିସ ଗୁଳିରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ଏୟାରଲିଫ୍ଟ କରାଯାଇ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ସୋମବାର ତାଙ୍କ ପ୍ରାର୍ଥିବ ଶରୀରକୁ ଭୁବନେଶ୍ୱରରୁ ବିମାନ ଯୋଗେ ଝାରସୁଗୁଡା ଅଣାଯାଇଥିଲା। ପୂର୍ବାହ୍ନ ୧୧ଟା ୨୦ରେ ଝାରସୁଗୁଡା ଭିଏସ୍‌ଏସ୍ ବିମାନ ବନ୍ଦରରେ ମରଶରୀର ପହଞ୍ଚିବା ପରେ ସେଠାରେ ଏକ ଶୋକାକୁଳ ପରିବେଶରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସେଠାରୁ ଏକ ସ୍ୱତନ୍ତ୍ର ମହାପ୍ରୟାଣ ଗାଡିରେ ତାଙ୍କୁ ବିମାନ ବନ୍ଦରରୁ

ମୁଖାଗ୍ନି ଦେଉଛନ୍ତି ଦିବଂଗତ ନବ କିଶୋର ଦାସଙ୍କ ପୁଅ ବିଶାଳ।

ବିରାଟ ଶୋଭାଯାତ୍ରାରେ ତାଳପଟିଆ, ପ୍ରସନ୍ନ ପଣ୍ଡା ଛକରୁ ବାଇପାସ୍ ଦେଇ ସରବାହାଲସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ସେଠାରେ ତାଙ୍କ ପ୍ରାର୍ଥିବ ଶରୀରକୁ ପରିବାର ଓ ସମ୍ପର୍କୀୟମାନେ ଶେଷ ଦର୍ଶନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବାସଭବନରୁ ବାଇପାସ୍ ଦେଇ ବେହେରାମାଲସ୍ଥିତ କିଷାନ ଛକରେ ତାଙ୍କ ମରଶରୀର ପହଞ୍ଚିଥିଲା। ସେଠାରେ ହଜାର ହଜାର ଲୋକ ତାଙ୍କ ପ୍ରାର୍ଥିବ ଶରୀରକୁ ଦର୍ଶନ କରିବାପାଇଁ ଅପେକ୍ଷା କରିଥିଲେ। ସେଠାରୁ ଏକ ଖୋଲାଗାଡିରେ ତାଙ୍କ ମରଶରୀରକୁ ସହରର ମୁଖ୍ୟମାର୍ଗ ବେହେରାମାଲ, ବସ୍‌ଷ୍ଟାଣ୍ଡ, ଷ୍ଟେଶନ ଛକ, ଝଣ୍ଡା ଛକ, ଧର୍ମଶାଳା ଛକ ଦେଇ ମନମୋହନ ସ୍କୁଲ୍ ପଡିଆକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ନବ ଦାସଙ୍କ ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ସାମିଲ ହୋଇଥିଲେ। ସେଠାରେ ହଜାର ହଜାର ଲୋକ ତାଙ୍କ ଶେଷ ଦର୍ଶନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅପରାହ୍ନ ୩ଟାରେ ପୁଣି ଏକ ଶୋଭାଯାତ୍ରାରେ ସରବାହାଲ, ସାପଡା ଦେଇ ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍‌ରେ ଖେରୁଆଲ ବ୍ରିଜ୍ ନିକଟ ଭେଡେନ ନଦୀ କୂଳ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ପୋଲିସ୍ ପ୍ରଶାସନ ତରଫରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମ୍ ଦେଇ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ତାଙ୍କର ଏକମାତ୍ର ପୁଅ ବିଶାଳ ମୁଖାଗ୍ନି ଦେଇଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଏଥିମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଜଳସମ୍ପଦ ମନ୍ତ୍ରୀ ଗୁଣ୍ଡୁନି ସାହୁ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ବିଧାୟକ ପ୍ରତାପ ଜେନା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ସାରଦା ନାୟକ, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଦେବେଶ ଆଚାର୍ଯ୍ୟ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ଭାଜପା ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ଅନୁପ ସାଏ, ବିରୋଧୀଦଳ ନେତା ଜୟ ନାରାୟଣ ମିଶ୍ର, ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପୂର୍ବତନ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପାଢୀ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଉତ୍ତରାଞ୍ଚଳ ଆଇଜିଦୀପକ କୁମାର, ଜିଲାପାଳ ସରୋଜ କୁମାର ସାମଲ, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା ପ୍ରମୁଖ ଜନପ୍ରତିନିଧି ଓ ଅଧିକାରୀ ସାମିଲ ରହି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ

ଭୁବନେଶ୍ୱର,୩୦।୧(ବ୍ୟୁରୋ): ଦିବଂଗତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ସୋମବାର ରାଜଧାନୀ ଭୁବନେଶ୍ୱରରେ ଅନ୍ତିମ ବିଦାୟ ଦିଆଯାଇଛି। ସରକାରୀ ବାସଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପହଞ୍ଚି ନବ ଦାସଙ୍କୁ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବ ଦାସଙ୍କୁ ଆପୋଲୋକୁ ଏୟାରଲିଫ୍ଟ କରିବା ସମୟରୁ ହିଁ ରାଜଧାନୀର ଏକ ଘରୋଇ ହସ୍ପିଟାଲଠାରେ ପହଞ୍ଚିଥିଲେ। ଏହାପରେ ନବଙ୍କ ଦେହାନ୍ତ ପରେ ମଧ୍ୟ ପୁଣିଥରେ ଯାଇ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ସେମାନଙ୍କୁ ଧୈର୍ଯ୍ୟ ଦେଇଥିଲେ। ପୁଣିଥରେ ସୋମବାର ସକାଳ ପ୍ରାୟ ସାଢେ ୮ଟା ସମୟରେ ମୁଖ୍ୟମନ୍ତ୍ରୀ ନବଙ୍କ ସରକାରୀ ବାସଭବନଠାରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି। ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିଥିଲେ। ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ନବ ଦାସଙ୍କ ଘର ଭିତରକୁ ଯାଇ ପରିବାର ଲୋକଙ୍କୁ ଭେଟି ସେ ସମବେଦନା ଜଣାଇଛନ୍ତି। ସେଠାରେ ନବ ଦାସଙ୍କୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିଲା। ଏହାପରେ ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ଯୁବ ବିଜେଡି କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ମଧ୍ୟ ତାଙ୍କ ଶେଷ ଦର୍ଶନ ଲାଗି ଦଳୀୟ ନେତା ଓ କର୍ମୀ ଅପେକ୍ଷା କରି ରହିଥିଲେ। ଏହାପରେ ବିମାନ ଯୋଗେ ମରଶରୀରକୁ ଝାରସୁଗୁଡ଼ା ଅଭିମୁଖେ ନିଆଯାଇଥିଲା।

ତଦନ୍ତରେ ସହଯୋଗ କରିବି: ଜୟନ୍ତୀ

ବ୍ରହ୍ମପୁର ଅଫିସ,୩୦।୧: ଏଏସ୍‌ଆଇ ଗୋପାଳ ଦାସଙ୍କ ସ୍ତ୍ରୀ, ପୁଅ ଓ ଝିଅ ବ୍ରହ୍ମପୁର ଶିଳ୍ପାଞ୍ଚଳ ପଞ୍ଚଶୀଳ ମାର୍ଗରେ ରହୁଥିଲେ। ରବିବାର ଘଟିଥିବା ଘଟଣା ପରେ ସ୍ତ୍ରୀ ଜୟନ୍ତୀ ପିଲାମାନଙ୍କୁ ଧରି ଗୋପାଳଙ୍କ ଘର ଆଙ୍କୁଲି ଜଳେଶ୍ୱରଖଣ୍ଡିକୁ ସୋମବାର ଚାଲି ଯାଇଛନ୍ତି। ସେଠାରେ ତାଙ୍କର ଅନ୍ୟ ପରିବାର ସଦସ୍ୟ ଅଛନ୍ତି। ଏ ନେଇ ଜୟନ୍ତୀ କହନ୍ତି, ମୁଁ ମୋର ପିଲାମାନଙ୍କୁ ଧରି କେଉଁଆଡ଼େ ପଳାଇ ଯାଇଥିବା ନେଇ ଯେଉଁ ଗୁଜବ ପ୍ରଚାର ହେଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ମୁଁ ମୋର ସ୍ୱାମୀଙ୍କ ପୈତୃକ ଘରକୁ ଆସିଛି। ପରିବାରର ଅନ୍ୟ ସମସ୍ତ ସଦସ୍ୟ ସେହି ଘଟଣାକୁ ନେଇ ସ୍ତବ୍ଧ। କିଭଳି ଏତେ ବଡ଼ ଅଘଟଣ ଘଟିଲା, କିଛି ଜଣାପଡୁ ନାହିଁ। ଯଦି ଏହି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରିବାକୁ ବ୍ରହ୍ମପୁର ଆସିବ, ତେବେ ମୁଁ ନିଶ୍ଚିତ ଭାବେ ସହଯୋଗ କରିବି ବୋଲି ସେ କହିଛନ୍ତି। ଅନ୍ୟପଟେ ଜୟନ୍ତୀ ସୋମବାର ଏଏସ୍‌ଆଇ ଗୋପାଳଙ୍କ ଚିକିତ୍ସା ସମ୍ପର୍କିତ ମେଡିକାଲ ରିପୋର୍ଟ ଏବଂ ପ୍ରେସ୍କ୍ରିପସନ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖାଇଛନ୍ତି। ସେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ମାନସିକ ରୋଗ ବିଭାଗରେ ଚିକିତ୍ସିତ ହେବା ସହିତ କମାପଲ୍ଲୀ ଦି ମାଇଣ୍ଡ କ୍ଲିନିକରେ ଡା. ଚନ୍ଦ୍ରଶେଖର ତ୍ରିପାଠୀଙ୍କ ପରାମର୍ଶ ନେଉଥିବା ପ୍ରେସ୍କ୍ରିପସନ୍ ମଧ୍ୟ ଦେଖାଇଥିଲେ।

ଦୁଇଦିନିଆ ଜାତୀୟ କାଜୁ ସମ୍ମିଳନୀ ଉଦ୍‌ଘାଟିତ

ମହିଳାଙ୍କୁ ନିଯୁକ୍ତି ସୁଯୋଗ ଦେଇଛି କାଜୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଭାରତ ସରକାରଙ୍କ କୋଚିନ୍‌ସ୍ଥିତ କାଜୁ ଓ କୋକୋ ଉନ୍ନୟନ ନିର୍ଦ୍ଦେଶାଳୟ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ମିଳିତ ଉଦ୍ୟମରେ କାଜୁ ସମ୍ପର୍କିତ ୨ ଦିନିଆ ଜାତୀୟ ସମ୍ମିଳନୀ ସୋମବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଛି।

ଏହି ଅବସରରେ ଏକ ଶୁଭେଚ୍ଛା ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଓଡ଼ିଶା କାଜୁ ଉତ୍ପାଦନ ଏବଂ ପ୍ରକ୍ରିୟାକରଣରେ ଏକ ଅଗ୍ରଣୀ ରାଜ୍ୟ। କାଜୁ ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ବିଶେଷ କରି ମହିଳାମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇଥାଏ। ରାଜ୍ୟରେ କାଜୁ ଚାଷ ଓ ପ୍ରକ୍ରିୟାକରଣର ବ୍ୟାପକ ସୁଯୋଗ ରହିଛି। ମହିଳାମାନେ ରାଜ୍ୟରେ କାଜୁର ବିକାଶ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ପ୍ରକଟ କରିଛନ୍ତି। ଏଥି ସହିତ ଜାତୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ବୈଜ୍ଞାନିକ, ଶିକ୍ଷାବିତ୍, କାଜୁଚାଷୀ ଓକାଜୁ ଶିଳ୍ପୋଦ୍ୟୋଗୀମାନେ ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗରେ କାଜୁ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଦିଗରେ ସମାଧାନର ପନ୍ଥା ନିର୍ଦ୍ଧାରଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ସମ୍ମିଳନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ ଓଡ଼ିଶାର ଜଳବାୟୁ ଓ ମୃତ୍ତିକା କାଜୁ ଚାଷ ନିମନ୍ତେ ଅତ୍ୟନ୍ତ ଉପଯୋଗୀ। ଚଳିତ ବର୍ଷ ରାଜ୍ୟର ୨୦ ହଜାର ହେକ୍ଟର ଜମିରେ ନୂତନ ଭାବରେ କାଜୁ ଚାଷ କରାଯିବା କାର୍ଯ୍ୟକ୍ରମ ହାତକୁ ନିଆଯିବ। ରାଜ୍ୟର ଜନଜାତି ଓ ପଛୁଆ ଜିଲାଗୁଡ଼ିକରେ କାଜୁ ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। କାଜୁ ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ସହ ଉନ୍ନତ ମାନର ଚାରା ଓ ପରିଚାଳନା ଆବଶ୍ୟକ ରହିଛି ବୋଲି ସଚିବ କହିଛନ୍ତି। କେନ୍ଦ୍ର ସରକାରଙ୍କ ଉଦ୍ୟାନ କୃଷି ବିଭାଗର କମିଶନର ପ୍ରଭାତ କୁମାର କହିଛନ୍ତି ଯେ କାଜୁରେ ନୂଆ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିବାରେ ଅନେକ ସୁଯୋଗ ରହିଛି। କାଜୁଚାଷ ନିମନ୍ତେ କ୍ଲଷ୍ଟରପନ୍ଥା ଆପଣାଇବା ସହିତ ମୂଲ୍ୟବୃଦ୍ଧି ବଜାରୀକରଣ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ କହିଛନ୍ତି ଯେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ଟି ହାଇବ୍ରିଡ୍ କାଜୁ କିସମ ତିଆରି କରାଯାଇଛି। ଏଥିସହିତ ବିଶ୍ୱବିଦ୍ୟାଳୟ ପକ୍ଷରୁ କଳିଙ୍ଗ କାଜୁ-୧ ନାମରେ ଏକନୂତନ ହାଇବ୍ରିଡ୍ କିସମ ମଧ୍ୟ ଖୁବଶୀଘ୍ର ବାହାର କରାଯିବାର କାର୍ଯ୍ୟ କ୍ରମ ରହିଛି। କାଜୁ ବଗିଚାରେ ସାରୁ, ଭେଣ୍ଡି, ବାଇଗଣ ଇତ୍ୟାଦି ଚାଷ କଲେ ଚାଷୀଙ୍କ ରୋଜଗାର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ସୁବାସଚନ୍ଦ୍ର ମହାରଣା କହିଛନ୍ତି ଯେ ଓଡ଼ିଶାରେ କାଜୁ ମୁଖ୍ୟତଃ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥାଏ ଏବଂ କୋରାପୁଟ କାଜୁର ଚାହିଦା ବିଶ୍ୱବଜାରରେ ରହିଛି। ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା କହିଛନ୍ତି ଯେ ରାଜ୍ୟରେ ସଂପ୍ରତି ଏକ ଲକ୍ଷ ୨୦ ହଜାର ହେକ୍ଟର ଜମିରେ କାଜୁଚାଷ କରାଯାଉଛି।

ହ୍ୟୁମାନ-ଶ୍ରୀୟାଙ୍କ ବିବାଦ ଭୁଟିଲା

ମନୋମାଳିନ୍ୟ ଦୂର ହୋଇଛି, ଏଣିକି ଏକାଠି ରହିବେ

ହ୍ୟୁମାନ ସାଗର

ଶ୍ରୀୟା ମିଶ୍ର

କଟକ ଅଫିସ,୩୦।୧

ଓଲିଉଡ୍‌ର ସୁପରିଚିତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ତାଙ୍କ ସହଧର୍ମିଣୀ ଶ୍ରୀୟା ମିଶ୍ରଙ୍କ ମଧ୍ୟରେ ଲାଗିଥିବା ପାରିବାରିକ ବିବାଦର ଅନ୍ତ ଘଟିଛି। ମହିଳା ଥାନାରେ ଉଭୟେ ସୋମବାର ଏକାଠି ହୋଇ ପରସ୍ପର ମଧ୍ୟରେ ଥିବା ମନୋମାଳିନ୍ୟ ଦୂର କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଆପୋଷ ବୁଝାମଣା ପରେ ଦୁହେଁ ଏକାଠି ରହିବାକୁ ମନସ୍ଥ କରିଥିବା ଥାନାରେ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ହ୍ୟୁମାନ ଓ ଶ୍ରୀୟାଙ୍କ ମଧ୍ୟରେ ସୃଷ୍ଟ ପାରିବାରିକ ବିବାଦ ଉଗ୍ର ରୂପ ନେଇଥିଲା। ଉଭୟ ପରିବାର ମଧ୍ୟରେ ସମାଧାନର କୌଣସି ରାସ୍ତା ବାହାରି ନ ପାରିବାରୁ ଶ୍ରୀୟା ଶାଶୁଘର ଛାଡ଼ି ବାପଘରକୁ ପଳାଇ ଯାଇଥିଲେ। ଏ ସଂକ୍ରାନ୍ତରେ ବାପଘର ଲୋକଙ୍କ ସହ ପରାମର୍ଶ କରି ସେ କଟକ ଡିସିପିଙ୍କ ନିକଟରେ ହ୍ୟୁମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଥିଲେ। ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ମହିଳା ଥାନାରେ ଶ୍ରୀୟାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ହ୍ୟୁମାନଙ୍କୁ ଥାନାକୁ ଡାକି ଆପୋଷ ବୁଝାମଣା ପାଇଁ ଚେଷ୍ଟା କରିଥିଲା। ପ୍ରଥମ ପର୍ଯ୍ୟାୟ ଆପୋଷ ବୁଝାମଣା ପରେ ଉଭୟଙ୍କୁ ଦୁଇ ଦିନ ସମୟ ଦିଆଯାଇଥିଲା। ସେହିଦିନ ମହିଳା ଥାନାରୁ ବାହାରକୁ ଆସିବା ପରେ ଉଭୟେ ପରସ୍ପର ବିରୋଧରେ କଟୁ ମନ୍ତବ୍ୟ ଦେଇଥିଲେ। ଯଦ୍ୱ

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଔରସ ଏକ
ସନ୍ତାନ ଅନେକ
ଭାଇ ଭାଗରେ ଦାବି
ଏକୁ ଆରେକ ।

ଏକ ମା'ପେଟରୁ ଅନେକ ସନ୍ତାନ ଜନ୍ମ ଲାଭ କରିଥା'ନ୍ତି । ଯେତେ ଭାଇ ସେତେ ଘର ଭଳି ସେମାନଙ୍କ ମଧ୍ୟରେ ସମ୍ପତ୍ତିକୁ ନେଇ ଭାଗବଣ୍ଟା ହେଉଥିବାବେଳେ ସମସ୍ତେ ସମାନ ଦାବିଦାର ହୋଇଥାନ୍ତି । ଏହା ହିଁ ପାରିବାରିକ ନୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

ଔଷଧ ରାଗରେ କାମୁଡ଼େ ତାଟିଆ
ଫଳ ଭଲ ମୁହେଁ ଜାଣ ହେ ବାଟୁଆ ।

ଜଣକ ଉପରେ ରାଗ ରଖି ଅନ୍ୟ ଉପରେ ରାଗ ଝାଡ଼ିବା ନିହାତି ମୂର୍ଖାମିର ପରିଚୟ ହୋଇଥାଏ । ଏଭଳି ଅବିବେକୀ କାର୍ଯ୍ୟ କରିବସିଲେ ତାହା ନିଜ ପ୍ରତି ପରିଣତି ଅତ୍ୟନ୍ତ ବିଷମ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ସ୍ନାତକରେ ପାଠ୍ୟକ୍ରମ ଭାବେ ସାମିଲ ହେବ ଏନ୍‌ସିସି

ଭୁବନେଶ୍ୱର, ୩୦।୧ (ବ୍ୟୁରୋ)

ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏନ୍‌ସିସିକୁ ସ୍ନାତକ(ୟୁଜି)ରେ ପାଠ୍ୟକ୍ରମ ଭାବେ ସାମିଲ କରାଯିବ । ୟୁଜିସିର ମଡେଲ ସିଲାବସ୍ ଆଧାରରେ ୟୁଜି ସ୍ତରରେ ଏନ୍‌ସିସିକୁ ଜେନେରାଲ ଇଲେକ୍ଟିଭ୍ କୋର୍ସ ଭାବେ ପଢ଼ାଯିବ । ଏ ନେଇ ସୋମବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି । ଆସନ୍ତା ଶିକ୍ଷା ଶିକ୍ଷାବର୍ଷରୁ ଏହା ଲାଗୁ ହେବ । ଯୁକ୍ତୀ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମରେ ଏହା ସାମିଲ ହେବ । ଏଥିରେ ସିଲାବସ୍ କ'ଣ ରହିବ ଏବଂ ପରୀକ୍ଷା କିପରି ହେବ ସେ ନେଇ ମଧ୍ୟ ଚିଠିରେ ସମସ୍ତ ସୂଚନା ଦିଆଯାଇଛି । ଏହି ବିଷୟ ପାଇଁ ୪ଟି ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ । ପ୍ରତି ସେମିଷ୍ଟରରେ ୧୦୦ ମାର୍କର ପରୀକ୍ଷା ହେବ । ପ୍ରତି ସେମିଷ୍ଟରରେ ଲିଖିତ ମାର୍କ ୭୫ ଥିବାବେଳେ ପ୍ରାକ୍ଟିକାଲ ପାଇଁ ୨୫ ମାର୍କ ରହିଛି । ଲିଖିତ ପରୀକ୍ଷାରେ ମିଡ୍ ଟର୍ମ ପାଇଁ ୧୫ ମାର୍କ ଏବଂ ଏଣ୍ଡ୍ ଟର୍ମ ପାଇଁ ୬୦ ମାର୍କ ରହିଛି ।

ସରକାରୀ କର୍ମଚାରୀଙ୍କୁ ମିଳିବ ପଦୋନ୍ନତି

ଭୁବନେଶ୍ୱର,୩୦।୧ (ବ୍ୟୁରୋ)

- **ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟ ଶାସନ ସଚିବଙ୍କୁ ଦାୟିତ୍ୱ**
- **ଫେବୃୟାରୀ ୧ରୁ ୩ ପଦୋନ୍ନତି ଅଦାଲତ**

ପଦୋନ୍ନତି ଠିକ୍ ସମୟରେ ମିଳୁ ନ ଥିବାରୁ ଅନେକ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି । ପଦୋନ୍ନତି ପାଇଁ ବହୁ କର୍ମଚାରୀ ଅପେକ୍ଷା କରି ରହିଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଫେବୃୟାରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ ପଦୋନ୍ନତି ଅଦାଲତ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । କେଉଁ ବିଭାଗର କର୍ମଚାରୀ କେଉଁଠି ଓ କେଉଁ ସମୟରେ ପଦୋନ୍ନତି ସମ୍ପର୍କିତ ମାମଲାର ଶୁଣାଣି ବେଳେ ଉପସ୍ଥିତ ରହିବେ ସେନେଇ ସୋମବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ବିଭାଗ, ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ଜିଲାପାଳଙ୍କୁ ଚିଠି ଲେଖି ଜଣାଇ ଦିଆଯାଇଛି ।

୨୦୨୨ ଡିସେମ୍ବର ୩୧ ସୁଦ୍ଧା ଯେଉଁ ସରକାରୀ କର୍ମଚାରୀମାନେ ପଦୋନ୍ନତି ପାଇନାହାନ୍ତି ସେସବୁ ପଦୋନ୍ନତି ପ୍ରସଙ୍ଗ ପଦୋନ୍ନତି ଅଦାଲତରେ ବିଚାରକୁ ନିଆଯିବ । ଇମେଲ୍ ଜରିଆରେ ସମୁଦାୟ ୧୩୨୬ଟି ଆବେଦନପତ୍ର ଗ୍ରହଣ କରାଯାଇଛି । ତନ୍ମଧ୍ୟରୁ gadmin.or@nic.inରେ ମିଳିଥିବା ୬୭୧ ଆବେଦନପତ୍ର ଓ ପଦୋନ୍ନତି ଅଦାଲତ ପୋର୍ଟାଲ http://pro-motion.hrmsodisha.gov.in ଜରିଆରେ ମିଳିଥିବା ୬୫୫ଟି ଆବେଦନକୁ ପଦୋନ୍ନତି ଅଦାଲତରେ ଉପସ୍ଥାପନ କରାଯିବ । ଇମେଲ୍ ବା ପଦୋନ୍ନତି ଅଦାଲତ ପୋର୍ଟାଲରେ ଉପଲବ୍ଧ ପ୍ରାପ୍ତି ସ୍ୱୀକାରର ଗୋଟିଏ ଫଟୋକପି ଆଣିବାକୁ ସମ୍ପୃକ୍ତ ଆବେଦନକାରୀମାନଙ୍କୁ ପରାମର୍ଶ ଦିଆଯାଇଛି । ପଦୋନ୍ନତି ଅଦାଲତ ଅନୁଷ୍ଠିତ ହେଉଥିବା ସ୍ଥାନଗୁଡ଼ିକୁ କେବଳ ଆବେଦନକାରୀ ପ୍ରବେଶ କରିପାରିବେ । ପଦୋନ୍ନତି ଅଦାଲତଗୁଡ଼ିକର ବିସ୍ତୃତ କାର୍ଯ୍ୟସୂଚୀ ସାଧାରଣ ପ୍ରଶାସନ ଓ ପେନ୍‌ସନ ଅଭିଯୋଗ ବିଭାଗର ୱେବ୍‌ସାଇଟ୍‌ରୁ ମିଳିପାରିବ । ପଦୋନ୍ନତି ଅଦାଲତ ପରିଚାଳନା ଦାୟିତ୍ୱ ବିଭିନ୍ନ ଅଧିକାରୀଙ୍କୁ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଫେବୃୟାରୀ ୧ ସକାଳ ୧୦ଟାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଅପରାହ୍ନ ୩ଟାରେ ଯୋଜନା ଓ ସଂଯୋଜନ ବିଭାଗ, ଫେବୃୟାରୀ ୨ ସକାଳ ୧୦ଟାରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଅପରାହ୍ନ ୩ଟାରେ ଇସ୍ପାତ ଓ ଖଣି ବିଭାଗ, ଫେବୃୟାରୀ ୩ ତାରିଖ ସକାଳ ୧୦ଟାରେ ଜଙ୍ଗଲ ଓ ପରିବେଶ ବିଭାଗର ଆବେଦନଗୁଡ଼ିକର ବିଚାର କରାଯିବ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଏହି ଦାୟିତ୍ୱ ଦିଆଯାଇଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଫେବୃୟାରୀ ୧ ସକାଳ ୧୦ଟାରେ ଉଚ୍ଚଶିକ୍ଷା ବିଭାଗ, ଅପରାହ୍ନ ୩ଟାରେ ବିଜ୍ଞାନ ଓ ବୈଷୟିକ ବିଭାଗ, ଫେବୃୟାରୀ ୨ ସକାଳ ୧୦ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ୩ଟାରେ ସାଧାରଣ ଉଦ୍ୟୋଗ ବିଭାଗ, ଫେବୃୟାରୀ ୩ ତାରିଖ ସକାଳ ୧୦ଟାରେ କ୍ରୀଡ଼ା ଓ ଯୁବସେବା ବିଭାଗ, ଅପରାହ୍ନ ୩ ଘଟିକାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗରୁ ମିଳିଥିବା ଆବେଦନଗୁଡ଼ିକୁ ବିଚାର କରାଯିବ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ କିଶୋର ସୁନ୍ଦରରାୟଙ୍କ ଅଦାଲତରେ ଉକ୍ତ ବିଭାଗଗୁଡିକର ବିଚାର ହେବ ।

ସେହିପରି ଗୋପବନ୍ଧୁ ଏକାଡେମୀର ନୂତନ ସମ୍ମିଳନୀ କକ୍ଷରେ ଫେବୃୟାରୀ ୧ ସକାଳ ୧୦ଟାରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଅପରାହ୍ନ ୩ଟାରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ଫେବୃୟାରୀ ୨ ସକାଳ ୧୦ଟାରେ ଅବକାରୀ ବିଭାଗ, ଅପରାହ୍ନ ୩ଟାରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଫେବୃୟାରୀ ୩ ସକାଳ ୧୦ଟାରେ ସମବାୟ ବିଭାଗର ଆବେଦନଗୁଡ଼ିକର ବିଚାର ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି । କଳିଙ୍ଗ କ୍ଷତିୟମ୍‌ର ସମ୍ମିଳନୀ କକ୍ଷରେ ଫେବୃୟାରୀ ୧ ସକାଳ ୧୦ଟାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ, ଅପରାହ୍ନ ୩ଟାରେ ବାଣିଜ୍ୟ ଓ ପରିବହନ ବିଭାଗ, ଫେବୃୟାରୀ ୨ ସକାଳ ୧୦ଟାରେ ଜଳସମ୍ପଦ ବିଭାଗ, ଅପରାହ୍ନ ୩ଟାରେ ପୂର୍ତ୍ତ ବିଭାଗ, ଫେବୃୟାରୀ ୩ ତାରିଖ ସକାଳ ୧୦ଟାରେ ବାଣିଜ୍ୟ ଓ ପରିବହନ ବିଭାଗ, ଅପରାହ୍ନ ୩ଟାରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରୁ ମିଳିଥିବା ଆବେଦନକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ବିଚାର କରିବେ ।

ଇଡ୍‌କୋ ଭବନର ୫ମ ମହଲାସ୍ଥିତ ସମ୍ମିଳନୀ କକ୍ଷରେ ଫେବୃୟାରୀ ୧ ସକାଳ ୧୦ଟାରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ, ଅପରାହ୍ନ ୩ଟାରେ ଅର୍ଥ ବିଭାଗ, ଫେବୃୟାରୀ ୨ ସକାଳ ୧୦ଟାରେ ଶକ୍ତି ବିଭାଗ, ଅପରାହ୍ନ ୩ଟାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫେବୃୟାରୀ ୩ ସକାଳ ୧୦ଟାରେ ପର୍ଯ୍ୟଟନ ବିଭାଗ, ଅପରାହ୍ନ ୩ଟାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆବେଦନଗୁଡ଼ିକୁ ବିଚାର ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଛି ।

କୃଷି ଭବନରେ ଫେବୃୟାରୀ ୧ ସକାଳ ୧୦ଟାରେ କୃଷି ବିଭାଗ, ଅପରାହ୍ନ ୩ଟାରେ ସଂସଦୀୟ ବ୍ୟାପାର ବିଭାଗ, ଫେବୃୟାରୀ ୨ ତାରିଖ ସକାଳ ୧୦ଟାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅପରାହ୍ନ ୩ଟାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ, ଫେବୃୟାରୀ ୩ ସକାଳ ୧୦ଟାରେ ଗୃହ ବିଭାଗ, ଅପରାହ୍ନ ୩ଟାରେ ସାଧାରଣ ଅଭିଯୋଗ ବିଭାଗର ଆବେଦନଗୁଡ଼ିକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଚାର କରିବେ ।

ୟୁନିଟ୍ ୮ ସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ(ଏସ୍‌ଆଇଆରଡି)ର ସମ୍ମିଳନୀ କକ୍ଷରେ ଫେବୃୟାରୀ ୧ ସକାଳ ୧୦ଟାରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଅପରାହ୍ନ ୩ଟାରେ ଆଇନ ବିଭାଗ, ଫେବୃୟାରୀ ୨ ସକାଳ ୧୦ଟାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଅପରାହ୍ନ ୩ଟାରେ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ବିଭାଗ, ଫେବୃୟାରୀ ୩ ତାରିଖ ସକାଳ ୧୦ଟାରେ ଶିଳ୍ପ ବିଭାଗ, ଅପରାହ୍ନ ୩ଟାରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ଆବେଦନପତ୍ରଗୁଡ଼ିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଦାଲତରେ ଉପସ୍ଥାପନ କରାଯିବ । ଆବଶ୍ୟକ ସ୍ଥଳେ ସମୟ ନିର୍ଘଣ୍ଟକୁ ବୃଦ୍ଧି କରାଯାଇପାରେ ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ଈର୍ଷାପରାୟଣ ନିକଟ ସମ୍ପର୍କୀୟମାନଙ୍କ ଅନାଦର ଭାବ ମନକୁ ବ୍ୟଥିତ କରିବ । ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ । ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ । କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ ।

ବୃଷ
ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ । ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ କ୍ଷେତ୍ରରେ ଶୁଭଫଳ ପାଇବେ । ବନ୍ଧୁ ମାନଙ୍କ ସହଯୋଗୀ ମନୋଭାବ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି । ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ହଜିଯିବା ସମ୍ଭାବନା ରହିଛି ।

ମିଥୁନ
ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ । ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ । ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି । ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହେବେ । ରବିବାରର ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ ।

କର୍କଟ
ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ସେମିତି କିଛି ହେବନାହିଁ । ବ୍ୟବସାୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇ କାମ ସ୍ଥଗିତ ରହିଯାଇପାରେ । ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେବା ସମ୍ଭାବନା ରହିଛି । ଆକସ୍ମିକ ଭାବେ କାହା ଉପରେ ରାଗି ଅନର୍ଥ ଓ ଶତ୍ରୁତା ସୃଷ୍ଟି କରିବାକୁ ପଡ଼ିପାରେ ।

ସିଂହ
ସ୍ୱାସ୍ଥ୍ୟରେ ଅବନତି ହୋଇପାରେ, ଏଣୁ ସାବଧାନତା ଅବଲମ୍ବନ କରିବା ଭଲ । ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ କିଛି ଅର୍ଥ ସାହାଯ୍ୟ ପାଇବେ । କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ । କାରଣ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି ।

କନ୍ୟା
ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ । ଖଳଲୋକଙ୍କ କଥାରେ ଭୁଲ୍ ମାର୍ଗ ଅନୁସରଣ କରି ହଇରାଣ ହେବେ । କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି । ମାଲିମକଦ୍ଦମା, ତର୍କବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ, ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ ।

ତୁଳା
କୌଣସି ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବ୍ୟଥିତ କରିବ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ । ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ । ସାମାଜିକ ସ୍ତରରୁ ଅର୍ଥଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ ।

ବିଛା
ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ । ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ । ରାଜନୀତି, ପ୍ରଶାସନ, କଳା, ସାହିତ୍ୟ, ସାମ୍ବାଦିକତା, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ଆପଣାଛାଏଁ ସମାଧାନ ହୋଇଯିବ ।

ଧନୁ
କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି । ବନ୍ଧୁଙ୍କୁ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରିନେବେ । ପାଖ ପଡ଼ୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ଦୋଷଯୁକ୍ତ ମନ୍ତବ୍ୟ ଦେବେ । ଯାନବାହନରେ ସତର୍କତା ରକ୍ଷା କରନ୍ତୁ ।

ମକର
ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ, ନତୁବା ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି । ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି । ପୁତ୍ରକନ୍ୟା ହେତୁକ ସୁଖ ମିଳିବ ଓ ପରିବାରରେ ଶାନ୍ତି ଫେରି ଆସିବ ।

କୁମ୍ଭ
ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ । ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ । ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ । ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ ।

ମୀନ
ଆଜି ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ । ପରିସ୍ଥିତିବଶତଃ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ । ଖର୍ଚ୍ଚ ପରିମାଣ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ । ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ ।

ଆଜି ମାଘ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ମଙ୍ଗଳବାର, ଜାନୁୟାରୀ ୩୧ ତାରିଖ, ଭକ୍ତ ଦାସିଆଙ୍କ ତିରୋଧାନ ତିଥି । ରାଶିନ କ୍ଷତ୍ର-ରୋହିଣୀ/ବୃଷ, ଏକାଦଶୀର ପାର୍ବଣ ଶ୍ରାଦ୍ଧ । ଦିବା ଘ.୦୯।୧୩ ଗତେ, ଘ.୧୦।୫୩ ମଧ୍ୟେ, ଘ.୦୧।୦୬ ଗତେ, ଘ.୦୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୦୨।୪୭ ଗତେ, ଘ.୦୪।୧୦ ମଧ୍ୟେ, ରାହୁକାଳ ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ହତ୍ୟା: ଏନ୍‌ଏଚ୍‌ଆର୍‌ସି ମାମଲା

ଭୁବନେଶ୍ୱର,୩୦।୧ (ବ୍ୟୁରୋ)

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଦିନ ଦ୍ୱିପ୍ରହରରେ ସର୍ବସମ୍ମୁଖରେ ପୋଲିସ ଏସ୍‌ଆଇ ଗୋପାଳ ଦାସ ଗୁଳିକରି ହତ୍ୟା କରିବା ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଛି । ତେବେ ଏହି ହତ୍ୟାକାଣ୍ଡ ପଛରେ ବହୁ ପ୍ରଭାବଶାଳୀ ଲୋକଙ୍କ ସଂପୃକ୍ତି ରହିଥିବା ମଧ୍ୟ ଅଭିଯୋଗ ଉଠୁଛି । ତେଣୁ ଘଟଣାର ଠିକ ତଦନ୍ତ ପାଇଁ ଜାତୀୟ ମାନବ ଅଧିକାର କମିଶନ(ଏନ୍‌ଏଚଆର୍‌ସି)ଙ୍କୁ ନ୍ୟାୟ ପାଇଁ ଲଢେଇ ପରିବାର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଅନୁରୋଧ କରିଛନ୍ତି । ଏନେଇ ସେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏକ ମାମଲା (ନଂ.୧୭୪୭/ଇନ୍/୨୦୨୩) ଦାଏର କରିଛନ୍ତି । ସେଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗୋପାଳ ଜଣେ ମାନସିକ ରୋଗୀ ବୋଲି ତାଙ୍କ ପରିବାର ଲୋକେ କହୁଛନ୍ତି । ଯଦି ସେ ମାନସିକ ରୋଗୀ, ତା'ହେଲେ କିଭଳି ତାଙ୍କୁ ପୋଲିସ ବିଭାଗ ଲାଇସେନ୍ସପ୍ରାପ୍ତ ବନ୍ଧୁକ ପ୍ରଦାନ କଲା । ଜଣେ ମନ୍ତ୍ରୀଙ୍କୁ ପୁଣି ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଅଧିକାରୀ ଗୁଳି କରି ହତ୍ୟା କରିଥିବାରୁ ଏହାକୁ ଅତି ଗୁରୁତ୍ୱର ସହ ନେଇ ଏନ୍‌ଏଚ୍‌ଆର୍‌ସି ନିଜେ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ କରୁ ବୋଲି ସୁବ୍ରତ ନିବେଦନ କରିଛନ୍ତି ।

ପ୍ରଥମ ପୃଷ୍ଠାରୁ...

ଚର୍ଚ୍ଚାରେ ହତ୍ୟାର ...

ପ୍ରକାଶ କରିଛନ୍ତି ନା ନାହିଁ, ସେନେଇ କ୍ରାଇମ୍‌ବ୍ରାଞ୍ଚ କିଛି କହୁ ନାହିଁ । ସାରା ଦେଶରେ ଏହି ହତ୍ୟାକାଣ୍ଡ ଚର୍ଚ୍ଚା ସୃଷ୍ଟି କରିଥିବାବେଳେ ହତ୍ୟାର କାରଣ ଉପରେ ସମସ୍ତଙ୍କ ନଜର ରହିଛି । ଖୋଦ୍ ଜଣେ ପୋଲିସ କର୍ମ

ସଂକ୍ଷେପରେ

୪୬ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ,୩୦।୧: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୪୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୪୬ଟିର ସମାଧାନ କରାଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ଚିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨ଟି ଓ ରେଡକ୍ରସ ପାଣ୍ଠିରୁ ସହାୟତା ପାଇଁ ୮ଟି ଆବେଦନ ଗ୍ରହଣ କରାଯାଇଥିଲା । ଜିଲାପାଳ ସରୋଜ କୁମାର ସେଠୀ ଶିବିରରେ ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଉପଜିଲାପାଳ ସ୍ମିଗ୍ଧାରାଣୀ ଧଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବାଇକ୍‌ରୁ ପଡ଼ି ଜଣେ ଗୁରୁତର

ପରଜଙ୍ଗ,୩୦।୧(ଡି.ଏନ.ଏ.): ୫୩ ନଂ. ଜାତୀୟ ରାଜପଥର ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ପିଡିରି ଜଙ୍ଗଲ ନିକଟରେ ସୋମବାର ବାଇକ୍‌ରୁ ଖସି କାମାକ୍ଷାନଗର ଅଞ୍ଚଳର ଜ୍ଞାନରଞ୍ଜନ ରାଉତ ଗୁରୁତର ହୋଇଛନ୍ତି । ପୋଲିସ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରିଛି ।

ଶିକ୍ଷକ ନିଯୁକ୍ତି ଦାବିରେ ଆନ୍ଦୋଳନ

ଛେଣ୍ଡିପଦା/ବଅଁରପାଳ,୩୦।୧(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ମରାତିରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବି ନେଇ ସୋମବାର ବିଦ୍ୟାଳୟର ପରିଚାଳନା କମିଟି, ଅଭିଭାବକ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ମିଳିତ ଭାବେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିଲା ।

ସୂଚନାଯୋଗ୍ୟ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ୨୧୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୮ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏବେ ୬ଜଣ ଶିକ୍ଷକ କାର୍ଯ୍ୟ ତୁଲାଉଛନ୍ତି । ଏହି ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଜଣେ ଶିକ୍ଷୟିତ୍ରୀ ପ୍ରସୂତିକାଳୀନ ଛୁଟିରେ ଯାଇଥିବାବେଳେ ବର୍ତ୍ତମାନ ୫ଜଣ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଏଥିସହ ଅନ୍ୟ ଜଣେ ଶିକ୍ଷକଙ୍କ ବଦଳି କରାଯାଇଛି । ଏହାର ପ୍ରତିବାଦରେ ସୋମବାର ଗ୍ରାମବାସୀ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିଥିଲେ । ଆବଶ୍ୟକ ମୁତାବକ ଶିକ୍ଷକ ନ ଥିବା ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରାଯାଉଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବାରୁ ବାଧ୍ୟ ହୋଇ ଗ୍ରାମବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯାଇଥିବା କୁହାଯାଇଛି । ଅପରାହ୍ନ ୫ଟା ପର୍ଯ୍ୟନ୍ତ କୌଣସି ବିଭାଗୀୟ ଅଧିକାରୀ ଆନ୍ଦୋଳନ ସ୍ଥଳକୁ ଆସି ନ ଥିବାରୁ ଆନ୍ଦୋଳନ ଜାରି ରହିଛି । ସମସ୍ୟା ସମାଧାନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପରିଚାଳନା କମିଟି ସଭାପତି ରସାନନ୍ଦ ସାହୁଙ୍କ ସମେତ ପରିଚାଳନା କମିଟିର ବିନୋଦ ପ୍ରଧାନ, ଶରତ ଚନ୍ଦ୍ର ସାହୁ, ସୁଲତା ପ୍ରଧାନ ଓ ଭୀଷ୍ମ ସାହୁଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ବଅଁରପାଳ ବ୍ଲକ ମରାତିରାସ୍ଥିତ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀମାନେ ଆନ୍ଦୋଳନ କରୁଛନ୍ତି ।

ସେହିପରି ଶିକ୍ଷକ ନିଯୁକ୍ତି ଦାବିରେ ବଅଁରପାଳ ବ୍ଲକ ଜରପଡା ଥାନା ମରାତିରା ଗ୍ରାମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଅଭିଭାବକ ଓ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୧୯ ଛାତ୍ରୀଛାତ୍ର ଅଧ୍ୟୟନରତ ଥିବାବେଳେ ମାତ୍ର ୬ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଗତ ନଭେମ୍ବର ୧ରୁ ୬ ମାସ ପର୍ଯ୍ୟନ୍ତ ଛୁଟିରେ ଅଛନ୍ତି । ବର୍ତ୍ତମାନ ଆଉ ଜଣେ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହୋଇଛି । ତେଣୁ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦିଆଯାଇଥିବା ଗ୍ରାମବାସୀ କହିଛନ୍ତି । ବ୍ଲକ ଶିକ୍ଷାଅଧିକାରୀ ଦେବାନନ୍ଦ ଖୁଣ୍ଟିଆ କହିଛନ୍ତି, ସ୍କୁଲରେ ଶିକ୍ଷକ ସମସ୍ୟା ଦେଖାଦେଇଛି । ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ।

୪୪ ଅଭିଯୋଗ ଶୁଣିଲେ ଜିଲାପାଳ

ପାଲଲହଡା,୩୦।୧(ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡଠାରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ୪୪ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରେ ୩୫ଟି ବ୍ୟକ୍ତିଗତ ଏବଂ ୯ଟି ସାମୂହିକ ଅଭିଯୋଗ ରହିଥିଲା । ଏହି ଗସ୍ତ ଅବସରରେ ଜିଲାପାଳ ମହତାବ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ୫-ଟି କାର୍ଯ୍ୟର ରୂପରେଖ ପରଖିଥିଲେ । ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷକଙ୍କ ସହିତ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଲଲିତ ମୋହନ ବେହେରା, ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲା ଶିକ୍ଷାଧିକାରୀ, ଉପଜିଲାପାଳ ସୁଶାନ୍ତ ପତି, ତହସିଲଦାର ଲମ୍ବୋଦର ମାରାଣ୍ଡି, ବିଡିଓ ଦିଲୀପ ବାଡା ପ୍ରମୁଖ ଉପସ୍ଥିତ ଥିଲେ ।

ଟ୍ରକ୍ ସହ ଜଳିଗଲେ ଚାଳକ

ପରଜଙ୍ଗ,୩୦।୧(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନଂ. ଜାତୀୟ ରାଜପଥର ବଡ଼ଝରା ଗ୍ରାମସ୍ଥିତ ରେଙ୍ଗାଲି ବାମପାର୍ଶ୍ୱ କେନାଲ ନିକଟରେ ସୋମବାର ସନ୍ଧ୍ୟାରେ ଏକ କୋଇଲା ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବା ସହ ନିଆଁ ଲାଗି ଜଳିଯାଇଛି । ଫଳରେ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିବା ଚାଳକ ଜୀବନ୍ତ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି । ଖବରଲେଖା ହେବା ସୁଦ୍ଧା ମୃତ ଚାଳକଙ୍କ ପରିଚୟ ମିଳିପାରିନାହିଁ ।

ସୂଚନା ଅନୁଯାୟୀ, ତାଳଚେରରୁ କୋଇଲା ବୋଝେଇ କରି ଏକ ଟ୍ରକ୍ (ନଂ. ଓଡିଏ୫ସି-୦୪୩୬) କାମାକ୍ଷାନଗର ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗାଡ଼ି ଭିତରେ ଚାଳକ ଚାପିହୋଇ ରହିଥିବା ବେଳେ ସେଥିରେ ନିଆଁ ଲାଗିଯାଇଥିଲା । ଖବରପାଇ ପରଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ଚାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଛି । ଘଟଣାସ୍ଥଳରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଆଇ ଶକ୍ତିପ୍ରସାଦ ସାହୁ, ଏଏସ୍‌ଆଇ ସୁରେଶ ଚନ୍ଦ୍ର ଧଳ, ପଦ୍ମନାଭ ସାହୁ, ବନିତା ସାହୁ ପହଞ୍ଚି ତଦନ୍ତ ଚଳାଇଛନ୍ତି । ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି, ଗାଡ଼ିଟି ଦ୍ରୁତ ଗତିରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା । ପରେ ଶର୍ଟସର୍କିଟରୁ ଟ୍ରକ୍‌ଟି ଜଳିଯାଇଥିବା ଅନୁମାନ କରାଯାଉଛି ।

ନିଆଁ ଲାଗି ଜଳିଯାଇଥିବା ଟ୍ରକ୍ ।

ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଜିଲା ବାଲିମୀ ଥାନା ଖାଲପାଳ ଗ୍ରାମର ଦିବାକାର ବଡିଆ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ଏହାର ବିଚାର କରୁଥିବା ଢେଙ୍କାନାଳ ଅତିରିକ୍ତ ଜିଲା ଦୌରାଜଜ୍ ଜୀବନଜ୍ୟୋତି ରଥ ମାମଲାର ଅଭିଯୁକ୍ତ ଖାଲପାଳ ଗ୍ରାମର ସର୍ବେଶ୍ୱର ବଡିଆ(୪୮)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ, ୨୦୧୪ ନଭେମ୍ବର ୮ରେ ଗ୍ରାମର ନଈ ବଡିଆ ଓ ତାଙ୍କ ସ୍ୱାମୀ ଦିବାକର

ଦିବାକର ବଡିଆ ହତ୍ୟା ମାମଲା

ବଡିଆ କିସିନ୍ଦା ନାଳ ପାଖକୁ ଶୌଚ ହେବାକୁ ଯାଇଥିଲେ । ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେଠାରେ ଥିବା ଏକ ବାଉଁଶ ବୁଦା ଭିତରେ ଲୁଚି ବସିଥିବା ଅଭିଯୁକ୍ତ ସର୍ବେଶ୍ୱର ବଡିଆ ହଠାତ୍ ଏକ ଧାରୁଆ ଅସ୍ତ୍ରରେ ଦିବାକରଙ୍କୁ ଆକ୍ରମଣ କରି ମୁଣ୍ଡ କାଟି ଦେଇଥିଲେ । ଘଟଣାସ୍ଥଳରେ ଦିବାକରଙ୍କ ମୃତ୍ୟୁ ହୋଇଯାଇଥିଲା । ଏ ସମ୍ପର୍କରେ ନଈ ବଡିଆ ବାଲିମୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସର୍ବେଶ୍ୱରଙ୍କୁ ନଂ. ୭୦/୧୪ ମାମଲାରେ ଗିରଫ କରି କୋର୍ଟଚାଲାଣ କରିଥିଲା । ଏହି ମାମଲାର ବିଚାର କରୁଥିବା ଅତିରିକ୍ତ ଜିଲା ଦୌରାଜଜ୍ ଜୀବନଜ୍ୟୋତି ରଥ ସମସ୍ତ ସାକ୍ଷ୍ୟ ପ୍ରମାଣ, ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ ସର୍ବେଶ୍ୱରଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିବା ସହିତ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିମଳେନ୍ଦୁ ମହାପାତ୍ର ଓ ଗଣେଶ୍ୱର ସାହୁ ପରିଚାଳନା କରିଥିଲେ ।

ନବ ଦାସଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି

ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଜିଲା ବିଜେଡି ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲା କାର୍ଯ୍ୟାଳୟଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଉଦ୍ଦେଶ୍ୟରେ ଭାବ ବିହ୍ୱଳ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ କହିଥିଲେ ଯେ, ନବ ବାବୁ ଜଣେ ବ୍ୟକ୍ତି ନୁହନ୍ତି, ଅନୁଷ୍ଠାନ ଥିଲେ । ପଶ୍ଚିମ ଓଡ଼ିଶାରେ ଅଦ୍ୱିତୀୟ ନେତା ଭାବେ ଜନସେବାରେ ନିଜକୁ ଉତ୍ସର୍ଗ କରି ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିଲେ । ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ପରିଚାଳନାରେ ନଗର ବିଜେଡି ସଭାପତି ଇନ୍ଦ୍ରମଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଜିଲା ବିଜେଡି ଉପସଭାପତି ସୁଧାଂଶୁ ଦଳେଇ, ରମେଶଚନ୍ଦ୍ର ସାମଲଙ୍କ ସମେତ କାଉନସିଲର ଅଭିମନ୍ୟୁ ପଣ୍ଡା, ସନ୍ଦୀପ ଷଡଙ୍ଗୀ, ଶୁଭଲକ୍ଷ୍ମୀ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ନବକିଶୋର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

'ମନଛୁଇଁଛି ଭାରତ ଯୋଡ଼ୋ ଯାତ୍ରା'

ଜିଲା କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ବୈଠକରେ ଉପସ୍ଥିତ ନେତୃବୃନ୍ଦ ।

ଢେଙ୍କାନାଳ ଅଫିସ,୩୦।୧

ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଗାନ୍ଧୀମନ୍ଦିରଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ପର୍ଯ୍ୟବେକ୍ଷକ ବିଭୂତି ଭୂଷଣ ମିଶ୍ର ଦଳୀୟ ପତାକା ଉତ୍ତୋଳନ କରିବା ସହ କହିଲେ ଯେ, ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ଯାତ୍ରା ସମଗ୍ର ଦେଶବାସୀଙ୍କ ମନକୁ ଛୁଇଁଛି । ସେ ଏହି ଯାତ୍ରାରେ କନ୍ୟାକୁମାରୀଠାରୁ କଶ୍ମୀର ପର୍ଯ୍ୟନ୍ତ ଦୀର୍ଘ ୩୮୭୦ କିଲୋମିଟର ପଦଯାତ୍ରା କରିଥିଲେ । ଭାରତବର୍ଷରେ ବଢି ଚାଲୁଥିବା ଭୟକୁ ହଟାଯାଇ ଭଲପାଇବା ମାଧ୍ୟମରେ ଅଖଣ୍ଡ ଭାରତବର୍ଷର ପୁନରୁଦ୍ଧାର କରାଯିବା ପାଇଁ ରାହୁଲ ଭାରତ ଯୋଡୋ ଯାତ୍ରାରେ ବାର୍ତ୍ତା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ସୁରେଶଚନ୍ଦ୍ର ପାଣିଗ୍ରାହୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ କଂଗ୍ରେସ ନେତା ସୁବାସିନୀ ମହାକୁଡ, ପ୍ରେମ ଶଙ୍କର ମିଶ୍ର, ସୁନୀଲ ଦାଶ, ଜିତେନ୍ଦ୍ର ସାହୁ, ହାଇଦର ମହମ୍ମଦ, ମହମ୍ମଦ ସମୀର, ଅଜିତାନନ୍ଦ ବିହାରୀ, ଛାତ୍ର କଂଗ୍ରେସ ସଭାପତି ଶୁଭମ ଦାଶ, ରାହୁଲ ସାହୁ, ରୁବିନା ବେଗମ, ଶିଳ୍ପିଶ୍ରୀ ହରିଚନ୍ଦନ, ଭାନୁମତି ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନିର୍ମଳ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

G20 INDIA
Azadi Ka Amrit Mahotsav

ଟିକସଦାତାଗଣ ଧ୍ୟାନ ଦିଅନ୍ତୁ!

ପ୍ୟାନ୍ ଓ ଆଧାର ଲିଙ୍କ୍ କରିବା ବାଧ୍ୟତାମୂଳକ

₹୧୦୦୦/-ର ବିଳମ୍ବ ଦେୟ ସହିତ ଅନ୍‌ଲାଇନରେ ଲିଙ୍କ୍ କରନ୍ତୁ

ସର୍ବଶେଷ ୩୧ ମାର୍ଚ୍ଚ ୨୦୨୩ ସୁଦ୍ଧା

ପ୍ୟାନ୍ ସହିତ ଆଧାରକୁ ଲିଙ୍କ୍ କରା ନ ଯିବାର ପରିଣତି
- ଆପଣଙ୍କର ପ୍ୟାନ୍ ଅଚଳ ହୋଇଯିବ
- ଆଇଟିଆର୍ ଫାଇଲିଂ ସମ୍ଭବ ହେବନାହିଁ
- ବିଚାରାଧୀନ ରିଟର୍ନର ପ୍ରକ୍ରିୟାକରଣ ହେବନାହିଁ
- ବିଚାରାଧୀନ ରିଫଣ୍ଡ ଜାରି କରାଯାଇପାରିବ ନାହିଁ
- ତ୍ରୁଟିପୂର୍ଣ୍ଣ ରିଟର୍ଣ୍ଣ ଭଳି ମାମଲାର ବିଚାରାଧୀନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ
- ଉଚ୍ଚତର ହାରରେ ଟିକସ କାଟ କରାଯିବ

ଅଧିକ ସୂଚନା ପାଇଁ ଆୟକର ନିୟମାବଳୀ, ୧୯୬୨ର ନିୟମ ୧୧୪ଏଏଏ ଦେଖନ୍ତୁ

ପ୍ୟାନ୍ ସହିତ ଆଧାରକୁ କେମିତି ଲିଙ୍କ୍ କରିବେ
- https://www.incometax.gov.in/iec/foportal ପରିଦର୍ଶନ କରନ୍ତୁ
- 'କୁଇକ୍ ଲିଙ୍କ୍ସ' ବିଭାଗ ଅଧୀନରେ 'ଲିଙ୍କ୍ ଆଧାର' ବିକଳ୍ପ ଚୟନ କରନ୍ତୁ
- ତା'ପରେ, ଆଧାର ନମ୍ବର ଓ ପ୍ୟାନ୍ ଲେଖନ୍ତୁ ଏବଂ ପରଦାରେ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ପରେ 'ଇ-ପେ ଟ୍ୟାକ୍ସ ଫଙ୍କସନାଲିଟି' ମାଧ୍ୟମରେ ₹୧୦୦୦/-ର ବିଳମ୍ବ ଦେୟ ପେଠ କରନ୍ତୁ ।
- ଦେୟ ପେଠ ସମ୍ପୂର୍ଣ୍ଣ ହେବା ପରେ, ପୁଣିଥରେ 'ଲିଙ୍କ୍ ଆଧାର' ବିଭାଗକୁ ଯାଆନ୍ତୁ ଏବଂ ନିଜର ନାମ, ମୋବାଇଲ ନମ୍ବର, ଆଧାର ନମ୍ବର ଓ ପ୍ୟାନ୍ ଲେଖନ୍ତୁ ।
- 'ମୁଁ ମୋ ଆଧାର ବିବରଣୀକୁ ସତ୍ୟାପନ କରିବା ପାଇଁ ରାଜି' ବିକଳ୍ପକୁ ଚୟନ କରି ସୂଚନାକୁ ସତ୍ୟାପିତ କରନ୍ତୁ ଓ 'ଲିଙ୍କ୍ ଆଧାର' ବିକଳ୍ପ ଉପରେ କ୍ଲିକ୍ କରନ୍ତୁ ।
- ଲିଙ୍କିଙ୍ଗ୍ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ଆପଣଙ୍କ ମୋବାଇଲ ନମ୍ବରରେ ପ୍ରାପ୍ତ ହୋଇଥିବା ଓଟିପି ଲେଖନ୍ତୁ ଏବଂ 'ସତ୍ୟାପନ' ଉପରେ କ୍ଲିକ୍ କରନ୍ତୁ ।

cbc 15401/13/0014/2223

For e-Brochures, scan QR code

ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
ଅଧିକ ସୂଚନା ପାଇଁ, ଦୟାକରି ପରିଦର୍ଶନ କରନ୍ତୁ: www.incometax.gov.in

For more information, scan QR code

@IncomeTaxIndia @incometaxindia.official @incometaxindiaofficial @Income Tax India @Income Tax India Official

ମନ ଜିଣିବା ଦରକାର

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଡାକରାରେ ତାମିଲନାଡୁର କନ୍ୟାକୁମାରୀରୁ ୭ ସେପ୍ଟେମ୍ବର ୨୦୨୨ରେ ଆରମ୍ଭ ହୋଇଥିବା 'ଭାରତ ଯୋଡ଼ୋ ଯାତ୍ରା' ୩୦ ଜାନୁୟାରୀ ୨୦୨୩ରେ ଜମ୍ମୁ ଓ କଶ୍ମୀରର ଶ୍ରୀନଗରଠାରେ ଶେଷ ହୋଇଛି। ଭାରତ ଯୋଡ଼ୋ ଯାତ୍ରା ଶିବିର ନିକଟରେ ତ୍ରିରଙ୍ଗା ଉଡ଼ାଇବା ସହ ଭଉଣୀ ପ୍ରିୟଙ୍କାଙ୍କ ସହ ରାହୁଲ ବରଫରେ ଖେଳୁଥିବାର ଦୃଶ୍ୟକୁ ସେଠାରେ ଅନେକେ ଉପଭୋଗ କରିଥିବା ଦେଖିବାକୁ ମିଳିଛି। ୨୯ ଜାନୁୟାରୀରେ ରାହୁଲ ଶ୍ରୀନଗରର ଲାଲ୍‌ଚୌକରେ ତ୍ରିରଙ୍ଗା ଉଡ଼ାଇବା ଘଟଣା ଗଣମାଧ୍ୟମରେ ବହୁ କଷ୍ଟରେ ପ୍ରକାଶ ପାଇଛି। କଷ୍ଟରେ ଏଇଥିପାଇଁ କୁହାଯାଉଛି, କାରଣ ଭାରତ ଯୋଡ଼ୋ ଯାତ୍ରାକୁ ଭାରତର ମୁଖ୍ୟ ଗଣମାଧ୍ୟମ ଉଭୟ ଟେଲିଭିଜନ ଓ ଛାପାରେ ଆଦୌ ଗୁରୁତ୍ୱ ଦିଆଯାଇ ନ ଥିଲା। ଏଠାରେ ମନେପଡ଼େ ବିଶ୍ୱନାଥ ପ୍ରତାପ ସିଂ ପ୍ରଧାନମନ୍ତ୍ରୀ ଥିବାବେଳେ ବିନା ନିରାପତ୍ତାରେ ଶ୍ରୀନଗର ଗସ୍ତ କରିଥିବା ଘଟଣା। ସେତେବେଳେ ଲୋକଙ୍କ ସହ ଯୋଡ଼ି ହେବାକୁ ଚାହିଁ ସେ ଏଭଳି ପଦକ୍ଷେପ ନେଇଥିଲେ। ଏବର ସରକାର ସାମରିକ ଶକ୍ତି ଦେଖାଇ ଜମ୍ମୁ ଓ କଶ୍ମୀର ଜନସାଧାରଣଙ୍କୁ ଦମନ କରିବାକୁ ଚାହୁଁଛନ୍ତି, ଯାହା ଉପତ୍ୟକାରେ କ୍ରୋଧ ସୃଷ୍ଟି କରି ରଖିଛି। ଭାରତୀୟ ରାଜନୀତିରେ ଜମ୍ମୁ ଓ କଶ୍ମୀରର ଗୁରୁତ୍ୱ ସର୍ବଦା ରହିଆସିଛି। ପାକିସ୍ତାନ ଓ ଚାଇନା ସୀମାନ୍ତ ହୋଇଥିବାରୁ ସେଠାକାର ଅଧିବାସୀ ଭାରତ ସରକାରଙ୍କଠାରୁ ଯେତେବେଳେ ସୁବିଧା ଓ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି, ସେତେବେଳେ ସେପଟକୁ ଢଳିଛନ୍ତି। ଅତ୍ୟଧିକ ସାମରିକ ହସ୍ତକ୍ଷେପ ସେଠାରେ ଅନେକ ସମୟରେ ଅପ୍ରୀତିକର ସ୍ଥିତି ସୃଷ୍ଟି କରିଛି। ଏବେ ଯେତେବେଳେ ରାହୁଲ ସେଠାକୁ ଯାଇ ଲୋକଙ୍କ ସହ ମିଶିଛନ୍ତି, ତାହା ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଥିବା ଅନୁମାନ କରାଯାଉଛି। ଯାତ୍ରାର ଶେଷ ପାହାଚରେ ଜମ୍ମୁ ଓ କଶ୍ମୀରରେ ରାହୁଲଙ୍କୁ ନ୍ୟାଶନାଲ କନ୍‌ଫରେନ୍ସ ନେତା ଓମାର ଅବଦୁଲ୍ଲା ଏବଂ ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ବିପୁଳ ସମର୍ଥନ ଭାଜପାକୁ ତଟସ୍ଥ କରିଦେଇଛି। କୁହାଯାଉଛି ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଏହି ଭାରତ ଯୋଡ଼ୋ ଯାତ୍ରା ପ୍ରମୁଖ ରାଜନୈତିକ ବାତାବରଣ ସୃଷ୍ଟି କରିଦେଇଛି। ଭାଜପାର 'ନୂଆ ଭାରତ'କୁ ଚ୍ୟାଲେଞ୍ଜ ଦେଲା ଭଳି 'ଭାରତ ଯୋଡ଼ୋ ଯାତ୍ରା' ଉଭା ହୋଇଥିବା ରାଜନୈତିକ ପଣ୍ଡିତମାନେ ଅନୁମାନ କଲେଣି।

ରାହୁଲ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ବିରୋଧୀଙ୍କୁ ସାମାନ୍ୟ ଲାଗିପାରେ; କିନ୍ତୁ ତାହା ବାସ୍ତବତାରେ ପରିଣତ ହୋଇପାରିଲେ ସେ କ୍ଷମତାସର୍ବସ୍ୱ ରାଜନୀତିର ପରିଭାଷା ବଦଳାଇବାରେ ସକ୍ଷମ ହେଲେ ବୋଲି କୁହାଯାଇପାରିବ।

ଢେଙ୍କାନାଳ ଜିଲା ହିନ୍ଦୋଳ ଶିକ୍ଷା ଜିଲା ଅନ୍ତର୍ଗତ ଖାଲିବୋରେଇ ଉ.ପ୍ରା. ବିଦ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ମୀନାମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣ୍ଡାନାଲି, ନବକିଶୋରପୁର, ଦଣ୍ଡିରୀ ଏବଂ ଖାଲିବୋରେଇ ପଞ୍ଚାୟତର ୧୦ଟି ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗଣେଶ୍ୱର କ୍ଲବ ଏବଂ ଆଇଏଲପି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଲିବୋରେଇ ସରପଞ୍ଚ ଗୟାଧର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ସାଧନ କେନ୍ଦ୍ର ସଂଯୋଜକ ବସନ୍ତ ସାମଲ, ପ୍ରଧାନ ଶିକ୍ଷକ ଲଳିତ ମୋହନ ସେଠୀ, ଉତ୍କଳ ଭାରତୀ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ ପ୍ରଭାସ ଘଡେଇ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମମତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାହ୍ନୁ ଚରଣ ପାଳ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର କୁମାର ପାଳଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମୀ, ଭାଇଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

୩ ମାସ ହେବ ବସିନି ବୈଠକ

ଅନୁଗୋଳ ଅଫିସ, ୩୦।୧

ସରକାରଙ୍କୁ ଅବଗତ କଲେ ପୌର ନିର୍ବାହୀ ଅଧିକାରୀ

ଅନୁଗୋଳ ଜିଲା ତାଳଚେର ପୌର ପରିଷଦରେ ୩ ମାସ ହେବ ବୈଠକ ବସିନାହିଁ। ସହରର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇପାରୁ ନ ଥିବାରୁ ତାଳଚେର ପୌରାଞ୍ଚଳବାସୀ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ପୌରାଧ୍ୟକ୍ଷଙ୍କୁ ଚିଠି ନଂ. ୧୨୫/୨୫।୧।୨୦୨୩ରେ, ଜିଲା ପ୍ରଶାସନକୁ ଚିଠି ନଂ. ୧୨୬/୨୫।୧।୨୦୨୩ରେ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବଙ୍କୁ ଚିଠି ନଂ. ୧୨୭/୨୫।୧।୨୦୨୩ରେ ଅବଗତ କରିଛନ୍ତି। ଉକ୍ତ ଚିଠିରେ ଦର୍ଶାଯାଇଛି, ଗତବର୍ଷ ଅକ୍ଟୋବର ୨୧ରେ ଶେଷଥର ପାଇଁ ପୌର ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ପୌରପାଳିକା ନିୟମ-୬୩ ଅନୁଯାୟୀ ପ୍ରତି ମାସରେ ପୌର ବୈଠକ ହେବା କଥା। ଏହା ହେଲେ ସହରର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇପାରିବ। ନୂତନ କାର୍ଯ୍ୟ ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇପାରିବେ। ସହରାଞ୍ଚଳରେ କାର୍ଯ୍ୟ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ଓ ଠିକା ସଂସ୍ଥାକୁ ମଧ୍ୟ ଅର୍ଥ ପ୍ରଦାନ କରାଯାଇପାରିବ। କିନ୍ତୁ ବୈଠକ ବସୁ ନ ଥିବାରୁ ସରକାରଙ୍କ ନିକଟକୁ ଠିକ୍ ଯୁସି ଯାଇପାରୁ ନାହିଁ। ସହରବାସୀ ଉନ୍ନୟନ କାର୍ଯ୍ୟ ଓ ସରକାରଙ୍କ ବିଭିନ୍ନ ଯୋଜନା ରୂପାୟନ କରିବାକୁ ଦାବି କରୁଛନ୍ତି। ତେଣୁ ଏହି ବୈଠକ ବସିବା ଜରୁରୀ ହୋଇପଡ଼ିଛି। ତେବେ ଘଟଣା ସମ୍ପର୍କରେ ତାଳଚେର ପୌରାଧ୍ୟକ୍ଷ ପବିତ୍ର ଭୂତିଆଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ। ଅନ୍ୟପକ୍ଷରେ ଜିଲା ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏଭଳି ଅଭିଯୋଗ ଆସିଛି। ଏହାର ଅନୁଧ୍ୟାନ କରାଯାଉଛି।

ମନ୍ଦିର ପ୍ରତିଷ୍ଠା ପୂର୍ବରୁ ମୂର୍ତ୍ତି ଚୋରି

ଅନୁଗୋଳ ଅଫିସ, ୩୦।୧

ଅନୁଗୋଳ ଜିଲା ମହୀଧରପୁର ଫାଣ୍ଡି ନିକଟରେ ଥିବା ଆମ୍ବିଠୀ ଝରଖୋଲରେ ପ୍ରତିଷ୍ଠା ହେବାକୁ ଥିବା ବନଦୁର୍ଗା ମନ୍ଦିରର ମୂର୍ତ୍

ସାଓମିରୁ ଇସ୍ତଫା ଦେଲେ ମନୁ ଜୈନ

ନୂଆଦିଲ୍ଲୀ: ଅନ୍ତଃରାଷ୍ଟ୍ରୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ସାଓମିର ଗ୍ଲୋବାଲ୍ ଭାଇସ୍ ପ୍ରେସିଡେଣ୍ଟ ମନୁ କୁମାର ଜୈନ ସୋମବାର କମ୍ପାନୀରୁ ଇସ୍ତଫା ଦେଇଥିବା ଜଣାପଡିଛି। ଏପରିକି ଦୀର୍ଘ ୯ ବର୍ଷର ସମ୍ପର୍କ ଛିନ୍ନ କରି ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏପରିକି ସେ ଏହି ଇସ୍ତଫା ଭାରତ ବଜାରରେ ଚାଲିଥିବା ଇଡି ଏବଂ ସାଓମି ଘଟଣାକୁ ନେଇ ଦେଇଥିବା କୁହାଯାଉଛି। ବିଶେଷକରି ଇଡି କମ୍ପାନୀ ଉପରେ ବିଦେଶୀ ମୁଦ୍ରା ଅଧିନିୟମର ଉଲ୍ଲଂଘନ ଅଭିଯୋଗ ଲଗାଇଛି। ୨୦୧୪ରେ ସାଓମି ଯେତେବେଳେ ଭାରତ ବଜାରରେ ପ୍ରବେଶ କରିଥିଲା ଜୈନ ସେତେବେଳେ ଉକ୍ତ କମ୍ପାନୀରେ ଯୋଗ ଦେଇଥିଲେ।

ଏପ୍ରିଲ ୧ରୁ ହଟିବ ୯ ଲକ୍ଷ ସରକାରୀ ଗାଡ଼ି

ନୂଆଦିଲ୍ଲୀ,୩୦।୧

ଚଳିତ ବର୍ଷ ଏପ୍ରିଲ ୧ରୁ ସାରା ଦେଶର ୯ ଲକ୍ଷ ସରକାରୀ ଗାଡ଼ି ରାସ୍ତା ଉପରୁ ହଟିବ ବୋଲି ସୂଚନା ମିଳିଛି। ଏପରିକି ୧୫ ବର୍ଷରୁ ଅଧିକ ସବୁ ବର୍ଗର ପୁରୁଣା ସରକାରୀ ଗାଡ଼ି ୨୦୨୩ ଏପ୍ରିଲ ୧ରୁ ଏକ ପ୍ରକାର ଚଳାଚଳ ବନ୍ଦ କରାଯିବ ବୋଲି ଜଣାପଡ଼ିଛି। ସେହିଭଳି ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ୧୫ ବର୍ଷରୁ ପୁରୁଣା ପ୍ରାୟ ୯ ଲକ୍ଷ ଗାଡ଼ିକୁ ରାସ୍ତାରୁ ହଟାଯିବ। ଏହା ବଦଳରେ ନୂଆ ଗାଡ଼ି ଚାଲିବ ବୋଲି ସୋମବାର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ଏ ନେଇ ସୂଚନା ଦେଇଛନ୍ତି। ବିଶେଷକରି ଫିକି ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଗଡକରୀ କହିଥିଲେ, ଆଗାମୀ ଦିନରେ ଇଥାନଲ୍, ମିଥାନଲ୍, ବାୟୋ-ସିଏନଜି, ବାୟୋ-ଏଲ୍‌ଏନ୍‌ଜି ଏବଂ ଇଲେକ୍ଟ୍ରିକ୍ ଗାଡ଼ିର ବ୍ୟବହାର ପାଇଁ ସରକାର ଅନେକ ସୁବିଧା କରୁଛନ୍ତି। ଏପରିକି ୧୫ ବର୍ଷରୁ ଅଧିକ ସବୁ ବର୍ଗର ପୁରୁଣା ଗାଡ଼ି ରାସ୍ତାରୁ ହଟିବ ଆଉ ରାସ୍ତାରେ ପରିବେଶ ଉପକୂଳ ଯାନ ଚାଲିବ। ବିଶେଷକରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଜଡ଼ିତ ୯ ଲକ୍ଷ ସରକାରୀ ଗାଡ଼ିର ସ୍କ୍ରାପିଂ କରିବାକୁ ସରକାର ଅନୁମତି ଦେଇଛନ୍ତି। ଫଳରେ ୧୫ବର୍ଷରୁ ଅଧିକ ପୁରୁଣା ବସ୍, କାର୍ ଓ ଅନ୍ୟ ପ୍ରଦୂଷଣ କରୁଥିବା ଗାଡ଼ି ମଧ୍ୟ ରାସ୍ତାରୁ ହଟିବ। ସେ ସବୁ ଗାଡି ବଦଳରେ ସରକାର ନୂଆ ଗାଡ଼ି ତଥା ବିକଳ୍ପ ଇନ୍ଧନରେ ପରିଚାଳିତ ଗାଡ଼ି ପ୍ରଚଳନ କରିବେ ବୋଲି

ନିତିନ ଗଡ଼କରୀ

କୁହାଯାଉଛି। ସେହିଭଳି ପ୍ରଦୂଷଣ ମୁକ୍ତ ପରିବେଶ କରିବା ପାଇଁ ସରକାର ଇଭି ଯାନକୁ ପ୍ରୋତ୍ସାହିତ କରୁଥିବା ବେଳେ ଏହା ବହୁମାତ୍ରାରେ ପ୍ରଦୂଷଣକୁ କମାଇବାରେ ମଧ୍ୟ ବେଶ୍ ସହାୟକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ନିକଟରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଥିଲା ଯେ, ୨୦୨୩ ଏପ୍ରିଲ ୧୦ାରୁ ପରିବହନ ନିଗମ ଏବଂ ସରକାରୀ କ୍ଷେତ୍ରର ମାଲିକାନାରେ ଥିବା ବସ୍ ସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ସମସ୍ତ ଯାନ ଯାହାକି ୧୫ ବର୍ଷରୁ ଅଧିକ ପୁରୁଣା ତାହାକୁ ହଟାଯିବ। ତେବେ ଉକ୍ତ ନିୟମ ସ୍ୱତନ୍ତ୍ର ସେବାରେ ବ୍ୟବହାର ହେଉଥିବା ଗାଡ଼ି ଉପରେ ଲାଗୁ ହେବ ନାହିଁ, ଯେପରିକି ପ୍ରତିରକ୍ଷା ଏବଂ ଆଇନଶୃଙ୍ଖଳା ସମେତ ଅନ୍ତରୀଣ ସୁରକ୍ଷା ପାଇଁ ବ୍ୟବହାର ହେଉଥିବା ଗାଡ଼ିରେ ଉକ୍ତ ନିୟମ ବର୍ତ୍ତମାନ ସମୟରେ ଲାଗୁ ହେବନାହିଁ। ଅପରପକ୍ଷରେ ୨୦୨୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍କ୍ରାପେଜ୍ ପଲିସି-୨୦୨୧ର ଶୁଭାରମ୍ଭ କରିଥିଲେ। ଏପରିକି ୨୦୨୧-୨୨ ବଜେଟରେ ମଧ୍ୟ ଏ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶେଷକରି ୨୦ବର୍ଷ ପାଇଁ ବ୍ୟକ୍ତିଗତ ଭାବେ ବ୍ୟବହୃତ ହେଉଥିବା ଗାଡ଼ି ଏବଂ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଗାଡ଼ିକୁ ୧୫ ବର୍ଷରେ ଏହାର ଫିଟନେସ୍ ଟେଷ୍ଟ କରାଯିବ। ଏପରିକି ଉକ୍ତ ପଲିସି ଅନୁଯାୟୀ ପୁରୁଣା ଗାଡ଼ିକୁ ସ୍କ୍ରାପ୍ ପରେ କିଣୁଥିବା ନୂଆ ଗାଡ଼ି ଉପରେ ରାଜ୍ୟ ସରକାର ୨୫% ରୋଡ୍ ଟ୍ୟାକ୍ସ ଉପରେ ମଧ୍ୟ ଛାଡ଼ ଦେବେ ବୋଲି କୁହାଯାଇଥିଲା।

ସିଟିଟିସିରେ ସାମ୍‌ସଙ୍ଗ ଇନୋଭେଶନ କ୍ୟାମ୍ପସ

ଭୁବନେଶ୍ୱର,୩୦।୧

ଦେଶର ପ୍ରମୁଖ ସରକାରୀ ଶିକ୍ଷାନୁଷ୍ଠାନ ଭୁବନେଶ୍ୱରର ସେଣ୍ଟ୍ରାଲ ଟ୍ରେନିଂ ରୁମ୍ ଓ ଟ୍ରେନିଂ ସେଣ୍ଟର (ସିଟିଟିସି) ପରିସରରେ ସାମ୍‌ସଙ୍ଗ ଇନୋଭେଶନ କ୍ୟାମ୍ପସର ଶୁଭାରମ୍ଭ କରାଯାଇଛି। ଏହାସହିତ ଯୁବବର୍ଗ ଭବିଷ୍ୟତର ଟେକ୍ ଡୋମେନ ଯଥା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଅଫ ଥିଙ୍ଗସ୍, ବିଗ୍ ଡାଟା ଆଣ୍ଡ କୋଡିଂ ଓ ପ୍ରୋଗ୍ରାମିଂ ଆଦିରେ ନିଜର ଦକ୍ଷତା ବିକାଶ ସହ ଉପଯୁକ୍ତ ନିଯୁକ୍ତି ପ୍ଲେସମେଣ୍ଟ ପାଇପାରିବେ। ଏପରିକି ସାମ୍‌ସଙ୍ଗ ଓଡ଼ିଶା ଓ ଦେଶର ଏକ ଦୃଢ଼ ପାର୍ଟନର ଭାବେ ରହିବାର ପ୍ରତିଶ୍ରୁତି ଦୋହରାଇଛି ଏବଂ ଭାରତ ସରକାରଙ୍କ ଲକ୍ଷ୍ୟ ଅନ୍ତର୍ଗତ କାର୍ଯ୍ୟ କରୁଛି । ସେହିଭଳି ଉକ୍ତ ପାଠ୍ୟକ୍ରମ ସୁବିଧା ୧୮ ରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଉଛି। ଏପରିକି ସାମ୍‌ସଙ୍ଗ ଇଣ୍ଡିଆ ମଧ୍ୟ ଇଲେକ୍ଟ୍ରୋନିକ୍ସ ସେକ୍ଟର ସ୍କିଲ୍‌ସ କାଉନସିଲ ଅଫ ଇଣ୍ଡିଆ(ଇଏସ୍‌ଏସ୍‌ସିଆଇ)ଙ୍କ ସହ ସାରା ଦେଶରେ ୩୦୦୦ ସାଧାରଣ ସୁବିଧା ସୁଯୋଗରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତର ଟେକ୍ ଡୋମେନରେ ତାଲିମ ପ୍ରଦାନ କରିବା ପାଇଁ ଓ ନିଯୁକ୍ତି ଲାଭ କରିବା ନିମନ୍ତେ ସହାୟତା କରିବା ଲାଗି ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଥିବା ଜଣାପଡିଛି। ଏ ସମ୍ପର୍କରେ ସାମ୍‌ସଙ୍ଗ ସାଉଥ ୱେଷ୍ଟ ଏସିଆ ସିଏସଆର ଆଣ୍ଡ କମ୍ୟୁନିକେଶନ ମୁଖ୍ୟ ପାର୍ଥ ଘୋଷ କହିଛନ୍ତି, ଆମର ଗ୍ଲୋବାଲ ସିଟିଜେନଶିପ ପଦକ୍ଷେପ ସହ ସାମ୍‌ସଙ୍ଗ ଇନୋଭେଶନ କ୍ୟାମ୍ପସ ଭାରତର ବିକାଶ ଏଜେଣ୍ଡା ସହ ବହୁତ ନିକଟରୁ ସମ୍ପୃକ୍ତ ରହିଛି।

ଆର୍ସେଲରମିତ୍ତଲ ପକ୍ଷରୁ ସଚେତନତା ଶିବିର

ଭୁବନେଶ୍ୱର,୩୦।୧

ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ଆର୍ସେଲରମିତ୍ତଲ ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏପରିକି କେନ୍ଦୁଝର ବ୍ଲଡ ବ୍ୟାଙ୍କ ସହଯୋଗରେ କମ୍ପାନୀର ଠାକୁରାଣୀ ଆଇରନ୍ ଓର ମାଇନ୍ସ ପରିସରରେ ଏକ ରକ୍ତଦାନ ଶିବିର ସାଙ୍ଗକୁ ଉଚ୍ଚ ରକ୍ତଚାପ ଉପରେ ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ମଧ୍ୟ ଆୟୋଜିତ ହୋଇଥିଲା। ବିଶେଷକରି କମ୍ପାନୀର ସମସ୍ତ ଅଧିକାରୀ, କର୍ମଚାରୀ, ଶ୍ରମିକ, ଅପରେଟର ଏବଂ ସୁରକ୍ଷାକର୍ମୀମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ ଶିବିର ଜରିଆରେ ମୋଟ ୫୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆର୍ସେଲରମିତ୍ତଲ ଠାକୁରାଣୀ ଆଇରନ୍ ଏବଂ ମାଇନ୍ସର ଜେନେରାଲ ମ୍ୟାନେଜର ପ୍ରମୋଦ ମିଶ୍ର କହିଥିଲେ, ନିୟମିତ ବ୍ୟବଧାନରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ କରାଯାଉଛି। ବିଶେଷକରି ଏକ ସୁସ୍ଥ ଜୀବନଯାପନ ପାଇଁ ସ୍ୱାସ୍ଥ୍ୟସେବା ଶିବିର ବେଶ୍ ଗୁରୁତ୍ୱ ଅଟେ। ଏପରିକି ସବୁ ବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଉକ୍ତ ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଠାକୁରାଣୀ ଆଇରନ୍ ଓର ମାଇନ୍ସର ଜେନେରାଲ ମ୍ୟାନେଜର ତାପସ ପଣ୍ଡା, ସିଏସ୍‌ଆର୍ ମ୍ୟାନେଜର ଜଗଦୀଶ ଭୋନାଗିରି, ସେଫ୍ଟି ବିଭାଗ ମୁଖ୍ୟ ପ୍ରମୋଦ ଆଚାର୍ଯ୍ୟ, କଲ୍ୟାଣ ଅଧିକାରୀ ଅନିଲ ରାହୀ,ଏମ୍‌ଡିଓ ପ୍ରତିନିଧି ତଥା ଡା. ସୁବ୍ରତ ଧଳ ଉପସ୍ଥିତ ଥିଲେ।

'ଆକ୍ସିସ ବିଜ୍‌ନେସ ସାଇକେଲ ଫଣ୍ଡ'ର ଶୁଭାରମ୍ଭ

ନୂଆଦିଲ୍ଲୀ,୩୦।୧

ଆକ୍ସିସ ମ୍ୟୁଚୁଆଲ ଫଣ୍ଡର ନୂଆ ଫଣ୍ଡ 'ଆକ୍ସିସ ବିଜ୍‌ନେସ ସାଇକେଲ ଫଣ୍ଡ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହା ବ୍ୟବସାୟ ଚକ୍ର ଆଧାରିତ ବିନିଯୋଗ ବିଷୟବସ୍ତୁ ଅନୁସରଣ କରୁଥିବା ଏକ ଅସୀମିତ ଲକ୍ଷ୍ୟ ଇକ୍ୱିଟି ଯୋଜନା। ଏହି ନୂଆ ଫଣ୍ଡ ୨୦୨୩ ଫେବୃୟାରୀ ୨ରେ ଆରମ୍ଭ ହୋଇ ଫେବୃୟାରୀ ୧୬ରେ ବନ୍ଦ ହେବ। ଏ ସମ୍ପର୍କରେ ଆକ୍ସିସ ଏଏମ୍‌ସିର ଏମ୍‌ଡି ତଥା ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ଯଦି ଜଣଙ୍କୁ ବ୍ୟବସାୟ ଚକ୍ର ଲେନ୍ସ ମାଧ୍ୟମରେ ଭାରତର ଅଭିବୃଦ୍ଧି ଆକଳନ କରିବାକୁ ହୁଏ, ତେବେ ଆମେ ସମ୍ପ୍ରସାରଣ ଏବଂ ଶିଖର ପର୍ଯ୍ୟାୟ ମଧ୍ୟରେ ଏକ ଆକର୍ଷଣୀୟ ସ୍ଥିତିରେ ଅଛୁ। ଭାରତରେ ବିନିଯୋଗ ଚକ୍ରକୁ ଉଠାଇବା ପାଇଁ ଏକାଧିକ ବାହକ ସନ୍ତୋଷଜନକ ସ୍ଥିତିରେ ଅଛନ୍ତି । ଆକ୍ସିସ ବ୍ୟବସାୟ ଚକ୍ରର ଅନନ୍ୟ ହାଇବ୍ରିଡ ବିନିଯୋଗ ଆଭିମୁଖ୍ୟ(ଟପ୍ ଡାଉନ ଏବଂ ବଟମ ଅପର ସମ୍ମିଶ୍ରଣ)ବିନିଯୋଗର ଗୁଣାତ୍ମକ ଶୈଳୀ ଅନୁସରଣ କରିଥାଏ ଏବଂ ନିବେଶକଙ୍କୁ କୌଣସି ବଜାର ପାଣ୍ଠି ପକ୍ଷପାତ ପ୍ରଦାନ କରେ ନାହିଁ । ଏକ ଶୃଙ୍ଖଳିତ ଢଙ୍ଗରେ ବଜାର ସୁଯୋଗର ବ୍ୟବହାର କରିବାରେ ବିଶ୍ୱାସ ରଖୁଥିବା ଏକ ଫଣ୍ଡ ହାଉସ ଭାବରେ ଆକ୍ସିସ ବ୍ୟବସାୟ ଚକ୍ର ପାଣ୍ଠି ଜଣେ ନିବେଶକଙ୍କ ପୋର୍ଟଫୋଲିଓରେ ଏକ ଉଲ୍ଲେଖନୀୟ ଯୋଗଦାନ ହେବ ବୋଲି ଆମେ ବିଶ୍ୱାସ କରୁଛୁ ବୋଲି ସେ ମତପ୍ରକାଶ କରିଥିଲେ। ଉକ୍ତ ପାଣ୍ଠିରେ ଏକ ଚକ୍ର-ଚାଳିତ ପୋର୍ଟଫୋଲିଓ ରହିବ।

GOVERNMENT OF ODISHA, DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE,BHUBANESWAR
No.A-1077: 'e' Procurement Notice No.ACECIC-07/2022-23

Procurement Officer	Bid Identification No.	Name of Work	Cost of Work (Rs. in Lakhs)	Bid Security (Rs.) E.M.D.	Cost of Bid documents (Rs.)	Class of Contractor Rs.	Bid documents available online for bidding From	To	Date of Opening of Technical Bid	Period of completion of Work
ACE, CIC Bhubaneswar	NGR-02/2022-23	Protection to Mahanadi Right Bank near Routpara of Gania Block including construction of three Nos. of Spurs.	821.20	8,21,300/-(ONLINE)	10000/-(Online)	"A" & Special	31.01.2023 at 10.00 Hours	14.02.2023 At 17.00 Hours	15.02.2023 At 11.00 Hours	18 (Eighteen Calendar Months)
	NGR-03/2022-23	Protection to Mahanadi Right Bank near Badmul Patna of Gania Block including construction of three Nos. of Spurs.	709.59	7,09,600/-(ONLINE)	10000/-(Online)	"A" & Special	31.01.2023 at 10.00 Hours	14.02.2023 At 17.00 Hours	15.02.2023 At 11.00 Hours	18 (Eighteen Calendar Months)

e-mail ID: secic_dowr@yahoo.com
Further details conditions can be seen from Govt. website www.tenderorissa.gov.in.
OIPR-32160/11/0012/2223 Sd./- Additional Chief Engineer, Central Irrigation Circle

GOVT. OF ODISHA
OFFICE OF THE EXECUTIVE ENGINEER
NATIONAL HIGHWAY DIVISION, BERHAMPUR
Email id: eenhbam@gmail.com
INVITATIONS FOR BIDS (IFB) (e-Procurement)
Bid Identification No.EE-NH-BAM/10
No.298 Dated:27.01.2023
No.b-44:1.The Executive Engineer, N.H. Division, Berhampur on behalf of Governor of Odisha invites percentage rate bid in Single Cover System in ONLINE MODE from eligible contractors for construction of Road/ Building work as detailed in the table below.
2. Nature of Work : Road
3. No. of Work : 1 No.
4. Tender Cost : Rs.6000/-
5. Class of Contractor : B' Class and C' Class
6. Availability of Bid document in portal : 01.02.2023 to 05.00 PM of 07.02.2023
7. Date of Opening of Bid : 08.02.2023 at 11 A.M.
8. The bidders have to participate in ONLINE bidding only. Further details can be seen from the website https://tenderssorissa.gov.in.
9. Any Corrigendum/ Addendum/ Cancellation of will be displayed in the e-tender website only.
Sd./- Executive Engineer
N.H. Division, Berhampur
OIPR-34082/11/0002/2223

OFFICE OF THE NOTIFIED AREA COUNCIL, DHAMNAGAR
PIN: 756117 (Odisha), Tel. No.: 06786-236056
E-mail: dhamnagarnac-bdk@gov.in/dhamnagar.nac@gmail.com
No. 176 Date: 27.01.2023
"e" Procurement Notice
Bid Identification No. 01/DNRNAC/2023-24
No. C-2355: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.
1. Name of the Work : Civil Const. works as mentioned in DTCN
2. No. of Works : 22 (Twenty) Nos.
3. Estimated Cost : As per DTCN
4. Period of Completion : 45 days to 90 days
5. Date and time of Bidding : 01.02.2023 (10.00 A.M.)
6. Last date and time for receipt of bids in the portal : 13.02.2023 upto 5.00 P.M.
7. Submission of Original document : 14.02.2023 - 15.02.2023 upto 5.00 P.M.
8. Bids received online shall be opened on : 16.02.2023 at 11.00 A.M. onwards
9. Name and address of the Officer Inviting Bid : Executive Officer, Dhamnagar NAC
Further details can be seen from the procurement portal i.e. www.tendersodisha.gov.in.
OIPR-13197/11/0009/2223 Sd./- Executive Officer, Dhamnagar NAC

OFFICE OF THE MUNICIPAL COUNCIL BALANGIR
Address:- Office of the Municipal Council, Balangir, Opp of Rajendra Park, Balangir, Pin-767001, Ph. No. 06652-232790, E-Mail id-bgrmc1972@gmail.com
Letter No. 291/BM/ Date 27.01.23
1st Corrigendum
No. C-2352:- The Expression of Interest (EOI) Notice No.254/BM/Dt.20.01.2023 for "Civil & Architectural Consultancy Services of Balangir Municipality" is hereby extended upto Dtd. 01.02.2023 at 1.00 PM and open on the same day same venue at 4.00 PM.
All other terms and conditions of EOI remain unchanged.
Sd./- Executive Officer, Balangir Municipality
OIPR-13169/11/0038/2223

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, KEONJHAR
Tel.06766-258301 (O), email:se_nerwkjr@rediffmail.com
e-Procurement Notice for Bridge Works under DMF & BSY
Identification No. Bridge Online NCB No.359
No.290, Date:27.01.2023
No.O-1720:1. Name of the Work: Construction of Bridge Works under DMF & BSY in the District of Keonjhar. 2. No. of Work: 04(Four) Nos. 3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details:

Procurement Officer	Bid Identification No.	Availability of tender Online for bidding From	To	Last Date & Time of seeking Tender Clarification	Date & Time of Opening of Tender in O/O. C.C.E., R.W.Circle, Keonjhar Technical Bid	Financial Bid
1	2	3	4	5	6	7
Chief Construction Engineer, Rural Works Circle, Keonjhar	Bridge Online NCB No.359	Dt.03.02.23 at 11.00 A.M.	Dt.21.02.23 upto 5.00 P.M.	Dt.20.02.23 upto 5.00 P.M.	Dt.22.02.23 at 11.00 A.M.	Will be intimated later

Further details can be seen from the website: www.tendersorissa.gov.in.
Sd./- Chief Construction Engineer, R.W.Circle, Keonjhar
OIPR-25177/11/0037/2223

SURVEY & MAP PUBLICATION
At: Badajobra, P.O.: College Square, Cuttack - 753003
Ph.: 0671-2547057, Mail: surveymappublication@gmail.com
SHORT TENDER CALL NOTICE No. 102/MP, Dated: 30.01.2023
No. F-445: The Addl. Director, Survey & Map Publication, Odisha, Cuttack has invited sealed tender for Supply of Lamination Rolls, Paper & Printing Chemicals from the Manufacturer/Authorised Dealer/Suppliers of India, as per the specification detailed mentioned in the Tender Document of Short Tender Call Notice No. 102 Dt.30.01.2023. The tender document will be made available in Odisha Govt. Website www.odisha.gov.in from 31.01.2023 to 14.02.2023 upto 5 P.M. for download and submission by 15.02.2023, at 2 P.M. For details of the terms and conditions, please refer the tender document.
Sd./- Addl. Director
Survey & Map Publication, Odisha, Cuttack
OIPR-24043/11/0009/2223

Directorate of Ports & Inland Water Transport
Paribahan Bhawan (2nd Floor), A.G. Square
Unit-II, Ashok Nagar, Bhubaneswar-9
No.JJ-48: Phone-0674-2390355, Fax-2396885, Email:portsniwt.od@nic.in.
e-PROCUREMENT NOTICE
Bid Identification No. DPIWT-03/2022-23
01. Name of the Work :- Construction of basic infrastructure for common facility center near floating jetty for cage culture project at Hirakud Reservoir in Sambalpur District, Odisha
02. Approximate Value of Work :- Rs.568.52 Lakhs
03. Period of Completion :- 11 (Eleven) Months
04. Date & Time of availability of Bid document in the portal :- 01.02.2023 to 16.02.2023 up to 17.00 Hours
05. Date & Time of submission of Bid document in the Portal :- 01.02.2023 to 16.02.2023 upto 17.00 Hours
06. Last Date/Time for receipt of Bids in the portal :- 16.02.2023 up to 17.00 Hours
07. Date & Time for opening of Technical Bid (Cover-I) :- 17.02.2023 at 11.00 Hours
08. Name and Address of the Officer Inviting Tender (O.I.T) :- Director, Ports & Inland Water Transport Paribahan Bhawan (2nd Floor), A.G. Squre, Unit-II, Ashok Nagar, Bhubaneswar, Odisha, Pin-751009,Phone-0674-2390355 Fax-2396885 e-Mail:- portsniwt.od@nic.in
Further details can be seen from the e-procurement portal "https://tendersodisha.gov.in"
Sd./- Director
Ports & IWT, Odisha
OIPR-38035/11/0005/2223

Government Of Odisha
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph.No.-0674-2301787, Fax No.0674-2300965, Email ID:eerw_bbsr@yahoo.co.in
No.Tender-Online-BBSR Divn.-51 Date:24.01.2023
e-Procurement NOTICE
No.O-1721:1. Name of the Work: Construction/ Special Repair of Building Work. 2. Total No. of Projects: 2 Nos. individual project. 3.Class of Contractor (As per Works Deptt. Office memorandum no.12586, dt.09.09.2022). a) Above Rs.20 lakh and upto 3 Crore : 'B' Class (of Odisha PWD) or equivalent class of other licensing authorities. b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 lakh : 'D' Class (of Odisha PWD) or equivalent class of other licensing authorities. 4. Estimate cost of Individual Projects: Rs.60.00 lakh to Rs.60.45 Lakh. 5. Time for completion: 6 (Six) Calendar Months. 6. Other details:

Procurement Officer	Bid identification No.	Availability of Tender online for bidding From	To	Date & Time of opening of tender Technical Bid	Financial Bid
1	2	3	4	5	6
Superintending Engineer, Rural Works Division, Bhubaneswar	Tender Online-BBSR Divn.-51	04.02.2023 at 11.00 A.M.	17.02.2023 upto 5.00 P.M.	20.02.2023 at 11.00 A.M.	24.02.2023 at 11.00 A.M.

7. Further details can be seen from the website www.tendersorissa.gov.in.
8. Corrigendum if any/ shall only be published in the above website.
Sd./- Superintending Engineer, Rural Works Division, BBSR
OIPR-25189/11/0009/2223

GOVERNMENT OF ODISHA
OFFICE OF THE SUPERINTENDING ENGINEER
MINOR IRRIGATION DIVISION, NAYAGARH
Tel.No.(06753)291009,
e-Mail ID:eemidivisionnayagarh@gmail.com
BID IDENTIFICATION NO.SEMIDN-16 of 2022-23
Letter No.108, Dated: 18.01.2023
No.A-1080:The Superintending Engineer, Minor Irrigation Division, Nayagarh on behalf of Governor Odisha invites percentage rate bids in Double cover only in ONLINE mode for the Construction of works detailed in the table from "B" Class & above class Contractors registered with the State Government and contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.
1. Name of the works : Construction of New Check Dams under MATY grant for the year 2022-23
2. Total No. of works : 06 (Six)
3. Estimated Cost : Varies from Rs.50.88 lakh to Rs.65.33 lakh approximately
4. Class of Contractor : Class "B"
5. Period of completion : 5 (Five) Calendar Months
6. Date & time of Availability of Bid Document in the Portal for online bidding. : 01.02.2023 at 10 A.M. to 07.02.2023 upto 5 PM
7. Last date/Time for receipt of Bid only in ONLINE. : 07.02.2023 upto 5 PM
8. Date/Time of Opening of Technical Bid. : 08.02.2023 at 11.00 A.M. at Office of the Superintending Engineer, M.I. Division, Nayagarh
9. Date/Time of Opening of Financial Bid. : To be intimated through website after evaluations of Technical Bid
10. Date of Transparent Lottery (if cases arise). : At 11.00 hrs onwards of Dt.17.02.2023
11. Name & Address of the Officer Inviting the Bid. : Office of the Superintending Engineer, M.I. Division Nayagarh
12. Further details can be seen from the "e" Procurement Portal https://tendersodisha.gov.in.
Sd./- Superintending Engineer
M.I.Division, Nayagarh
OIPR-32260/11/0017/2223

ODISHA STATE BEVERAGES CORPORATION LIMITED
(A GOVERNMENT OF ODISHA UNDERTAKING)
BHUBANESWAR - 751023 (ODISHA)
CIN: U51228OR000SGC006372
Tel.: 0674-2303972 (O), E-mail: osbcltd@gmail.com
NOTICE INVITING TENDER FOR SELECTION OF LOADING AND UNLOADING CONTRACTORS FOR ANGUL, BALASORE, SONEPUR, BERHAMPUR, KHURDA, NIRGUNDI, CHANDIKHOLE, RAYAGADA AND SAMBALPUR DEPOTS OF OSBC LTD.
No. CAD-4655: Sealed tenders in the prescribed format are invited by the Odisha State Beverages Corporation Ltd., Bhubaneswar from the intending registered contractors for loading & unloading work of alcoholic beverages stock in the OSBC Ltd., Depot at Angul, Balasore, Sonepur, Berhampur, Khurda, Nirgundi, Chandikhole, Rayagada and Sambalpur.
Tender documents can be downloaded from the website of OSBC Ltd. w.e.f. 31.01.2023 and the same may be submitted by 5.00 P.M. of 21.02.2023 through Regd. Post/Speed Post only along with the cost of tender paper Rs.10,000/- + Rs.1800/- i.e. @ 18% GST (CGST 9% + SGST 9%) and EMD amounting to Rs.2.00 lakh (Rupees Two lakhs only) in shape of Demand Draft drawn in favour of Odisha State Beverages Corporation Ltd., payable at Bhubaneswar.
The details of the tender may please be seen in the official website of the Corporation i.e. https://osbc.co.in.
Sd./- General Manager (Admn.)
OIPR-36014/11/0006/2223

OFFICE OF THE ENGINEER-IN-CHIEF
RURAL WATER SUPPLY & SANITATION
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, FAX: 0674-2394946, e-mail:

ଜନ୍ମଦିନର ଶୁଭେଚ୍ଛା

ନାମ: .....
ବୟସ:.....
ଜନ୍ମ ତାରିଖ: .....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ମରିଯିବି ପଛେ ଭାଜପା ସହ ହାତ ମିଳାଇବି ନାହିଁ: ନୀତୀଶ

ନୂଆଦିଲ୍ଲୀ,୩୦।୧(ପି.ଟି.)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

ମରିଯିବେ ପଛେ ଭାଜପା ସହ ଆଉ ଥରେ ମେଣ୍ଟ କରିବେ ନାହିଁ ବୋଲି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ସୋମବାର କହିଛନ୍ତି। ଲୋକପ୍ରିୟତା ନ ଥିବା ଜେଡିୟୁ ନେତାଙ୍କ ସହ ମେଣ୍ଟ ହେବାର ପ୍ରଶ୍ନ ଉଠୁନାହିଁ ବୋଲି ଭାଜପା କହିବା ପରେ ନୀତୀଶ ଏହାର ଜବାବରେ ଏପରି ମନ୍ତବ୍ୟ ଦେଇଛନ୍ତି। ରବିବାର ବିହାରର ଦରଭଙ୍ଗାଠାରେ ଶେଷ ହୋଇଥିବା ଦୁଇଦିନିଆ ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ଜେଡିୟୁ ସହ ମେଣ୍ଟ ନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ଉପରେ ଖବରଦାତାମାନେ ନୀତୀଶଙ୍କୁ ପ୍ରଶ୍ନ କରିବାରୁ ସେ କହିଥିଲେ, ମନେରଖ, ମୁଁ ମରିଯିବା ପାଇଁ ପ୍ରସ୍ତୁତ କିନ୍ତୁ ସେମାନଙ୍କ ସହ ଯିବା ଆମ ପାଇଁ ଗ୍ରହଣୀୟ ନୁହେଁ। ମହାତ୍ମା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନୀତୀଶ କହିଥିଲେ, ତାଙ୍କ ନେତୃତ୍ୱ ଅଧୀନରେ ଭାଜପା ୨୦୧୦ ବିହାର ବିଧାନସଭା ନିର୍ବାଚନ ସମେତ ବିଭିନ୍ନ ନିର୍ବାଚନରେ ସଫଳତା ହାସଲ କରିଥିଲା। ଉକ୍ତ ନିର୍ବାଚନରେ ଭାଜପା ୯୧ ଆସନ ଜିତିଥିଲା, ଯାହା ଏହାର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା ବୋଲି ନୀତୀଶ କହିଛନ୍ତି। ଗତବର୍ଷ ଅଗଷ୍ଟରେ ଭାଜପାଠାରୁ ସମ୍ପର୍କ ଛିନ୍ନ କରିଥିବା ଜେଡିୟୁ ସୁପ୍ରିମୋ କହିଛନ୍ତି, ତାଙ୍କ ନେତୃତ୍ୱରେ ମୁସଲମାନମାନେ ସୁରକ୍ଷିତ ଅନୁଭବ କରୁଥିବାବେଳେ ଗୈରିକ ଦଳ ସେମାନଙ୍କଠାରୁ ଅଧିକ ଭୋଟ ପାଇଆସୁଥିଲା। ସୁସଲମାନଙ୍କୁ ସୁରକ୍ଷା ପ୍ରତିଶ୍ରୁତି ଏବେ ବି ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀଙ୍କ ପାଇଁ ସମସ୍ୟା ହୋଇରହିଛି। କାରଣ ଦେଶ ବିଭାଜନ ସମୟର ଦଙ୍ଗା ବେଳେ ମହାତ୍ମା ଗାନ୍ଧୀ ହସ୍ତକ୍ଷେପ କରି ପାକିସ୍ତାନକୁ ୫୫ କୋଟି ଟଙ୍କା ପୈଠ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ବୋଲି ଜେଡିୟୁ ନେତା କହିଛନ୍ତି। ନରେନ୍ଦ୍ର ମୋଦି ଭାଜପାର ନେତୃତ୍ୱ ନେବା ପରେ ନୀତୀଶ ୨୦୧୩ରେ ଏହି ଦଳଠାରୁ ସମ୍ପର୍କ ଛିନ୍ନ କରିଥିଲେ। ତେବେ ୨୦୧୭ରେ ପୁଣି ଥରେ ଗୈରିକ ଦଳ ସହ ମେଣ୍ଟ କରିବା ତାଙ୍କର ଭୁଲ୍ ନିଷ୍ପତ୍ତି ଥିଲା ବୋଲି ଜେଡିୟୁ ସୁପ୍ରିମୋ କହିଛନ୍ତି।

ଭାରତ ଯୋଡ଼ୋ ଯାତ୍ରାର ଶେଷ ଦିବସ ଅବସରରେ ସୋମବାର ଶ୍ରୀନଗରଠାରେ ସମର୍ଥକଙ୍କ ସହ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା।

ଭାଜପାରେ ସାମିଲ ହେଲେ କାନ୍ତି ସୋଧା ପରମାର

ଅହମ୍ମଦାବାଦ,୩୦।୧

ଭାଜପାରେ ସାମିଲ ହେଲେ ବରିଷ୍ଠ କଂଗ୍ରେସ ନେତା ତଥା ଗୁଜରାଟ ଆନନ୍ଦ ଜିଲାର ପୂର୍ବତନ ବିଧାୟକ କାନ୍ତି ସୋଧା ପରମାର। ଗାନ୍ଧୀନଗରସ୍ଥିତ ଭାଜପା କାର୍ଯ୍ୟାଳୟରେ ସୋମବାର ସେ ବିଧିବଦ୍ଧ ଭାବେ ଗୈରିକ ଦଳରେ ଯୋଗ ଦେଇଛନ୍ତି। ଗୁଜରାଟ ବିଧାନସଭା ନିର୍ବାଚନରେ କଂଗ୍ରେସ ପରାଜୟ ପରେ ସେ ଦଳ ଛାଡିଥିବା ଆଲୋଚନା ହେଉଛି। ଗତ ଡିସେମ୍ବରରେ ରାଜ୍ୟ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସର କେତେକ ବରିଷ୍ଠ ନେତା ତଥା ବିଧାୟକ ଦଳ ଛାଡି ଭାଜପାରେ ଯୋଗ ଦେଇଥିବା ବେଳେ କେତେକେ ଏଏପିରେ ଯୋଗ ଦେଇଥିଲେ।

ବିଧାୟକ ମୋହନ ମାଝିଙ୍କ ଘରେ ଭଙ୍ଗାରୁଜା

ଭାଜପା ପୂର୍ବତନ କର୍ମକର୍ତ୍ତାଙ୍କ ନାମରେ ଅଭିଯୋଗ

କେନ୍ଦୁଝର,୩୦।୧(ସ୍ୱ.ପ୍ର.)

କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝିଙ୍କ ମଣ୍ଡୁଆସ୍ଥିତ ବାସଭବନରେ ଭାଜପାର ପୂର୍ବତନ କର୍ମକର୍ତ୍ତା ପଶି ଭଙ୍ଗା ରୁଜା କରିଛନ୍ତି। ବିଧାୟକଙ୍କୁ ନ ପାଇ ଜଣେ କର୍ମଚାରୀଙ୍କୁ ସେମାନେ ମାଡ଼ ମାରିଛନ୍ତି। ଏ ନେଇ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ର କ । ଶ ଯେ, ରବିବାର ଅପରାହ୍ନ ୫ଟା ୪୫ରେ ଏକ ସ୍କର୍ପିଓରେ ଭାଜପାର ପୂର୍ବତନ କର୍ମକର୍ତ୍ତା ମୁନା ମହାରଣା, ଆଶିଷ ଦାସଙ୍କ ସମେତ ୫ ଜଣ ଯୁବକ ବିଧାୟକଙ୍କ ମଣ୍ଡୁଆସ୍ଥିତ ବାସଭବନକୁ ଯାଇଥିଲେ। ସେଠାରେ ବିଧାୟକଙ୍କୁ ନ ପାଇ ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ମାନସ ରଞ୍ଜନ ସାହା ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ମାନସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୪୦/୨୩)ରୁଜୁ କରି ତଦନ୍ତ କରୁଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ପ୍ରମୋଦିନୀ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ମୁନା ମହାରଣାଙ୍କୁ ଜଣେ ମହିଳାଙ୍କ ଅଭିଯୋଗକ୍ରମେ ଭାଜପାରୁ ବହିଷ୍କାର କରାଯାଇଥିଲା।

ରାଜ୍ୟବାସୀ ଅସୁରକ୍ଷିତ : ସିପିଆଇ(ଏମ୍)

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ମନ୍ତ୍ରୀ ନବ କିଶୋର ଦାସଙ୍କ ମୃତ୍ୟୁରେ ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସିପିଆଇ(ଏମ୍) ରାଜ୍ୟ କମିଟି ସମ୍ପାଦକ ଅଳିକିଶୋର ପଟ୍ଟନାୟକ କହିଛନ୍ତି, ଶହଶହ ଦଳୀୟ କର୍ମୀ ଓ ସାଧାରଣ ଲୋକଙ୍କ ଉପସ୍ଥିତିରେ ଜଣେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ଗୁଳିରେ ରାଜ୍ୟର ଜଣେ ମନ୍ତ୍ରୀ ନିହତ ହେବା ଏକ ସାଧାରଣ ଘଟଣା ନୁହେଁ। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଚରମ ଅଧୋଗତିର ଏହା ହେଉଛି ପ୍ରତିଫଳନ। ସମଗ୍ର ରାଜ୍ୟବାସୀ ଏହାଦ୍ୱାରା ଅସୁରକ୍ଷିତ ଓ ଅସହାୟ ମନେ କରିବା ସ୍ୱାଭାବିକ। ତେବେ ଏହା ଏକ ପରିକଳ୍ପିତ ହତ୍ୟାକାଣ୍ଡ ଭଳି ଜଣାପଡୁଛି ବୋଲି ସେ କହିଛନ୍ତି।

ଆଇନ ଶୃଙ୍ଖଳା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ନବ ଦାସଙ୍କୁ ହତ୍ୟା ଘଟଣା

- ଯୋଜନାବଦ୍ଧ ହତ୍ୟା: ନରସିଂହ
- ବିଚାର ବିଭାଗୀୟ ତଦନ୍ତ ହେଉ: ସାଲୁଜା
- ସିବିଆଇ ତଦନ୍ତ ଦାବି କଲା ଭାଜପା
- ତଦନ୍ତ ପରେ ସବୁ ଜଣାପଡିବ: ବିଜେଡି

ନବ ଦାସଙ୍କୁ ଜଣେ ପୋଲିସ ଏଏସ୍‌ଆଇ ହତ୍ୟା କରିବା ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଲାଗି ରହିଛି। କେଉଁ କାରଣରୁ ଏଭଳି ଅଘଟଣ ଘଟିଗଲା ତାକୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ। ଅନ୍ୟପଟେ ଏହି ଘଟଣାରେ ବଡ଼ଧରଣର ଷଡ଼ଯନ୍ତ୍ର ଥିବା ନବଙ୍କ ପରିବାର ସଦସ୍ୟଙ୍କଠାରୁ ଆରମ୍ଭକରି ବିରୋଧୀ କଂଗ୍ରେସ ଏବଂ ଭାଜପା ଅଭିଯୋଗ କରିଛନ୍ତି। ତେବେ ମନ୍ତ୍ରୀଙ୍କୁ ଜଣେ ପୋଲିସ ଗୁଳି କରିଥିବା ବେଳେ ଏହାର ତଦନ୍ତ କିପରି ପୋଲିସ ଦ୍ୱାରା ହେବ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇବା ସହ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି। ଅନ୍ୟପଟେ ଭାଜପା ଏହି ଘଟଣାରେ ସିବିଆଇ ତଦନ୍ତ ପାଇଁ ଦାବି କରିଛି। ତଦନ୍ତ ଚାଲିଛି, ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବିଜେଡି ନେତା ମତ ରଖୁଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଜଣେ ମନ୍ତ୍ରୀଙ୍କୁ ପୋଲିସ କର୍ମଚାରୀ ହତ୍ୟା କରୁଛି। ରାଜ୍ୟ ଗୁପ୍ତଚର ବିଭାଗ ମୋଟେ କାମ କରୁନାହିଁ ବୋଲି ଏଥିରୁ ପ୍ରମାଣ ମିଳୁଛି। ଏହା ବିଶ୍ୱାସଯୋଗ୍ୟ ନୁହେଁ ଯେ ଉକ୍ତ ପୋଲିସ କର୍ମଚାରୀ ମାନସିକ ରୋଗରେ ଆକ୍ରାନ୍ତ। ଯଦି ବି ସେ ଆକ୍ରାନ୍ତ ଥିଲେ ତେବେ ସେଭଳି ଲୋକକୁ ଆଉଟପୋଷ୍ଟ ଏବଂ ସୁରକ୍ଷା ଦାୟିତ୍ୱ କାହିଁକି ଦିଆଯାଇଥିଲା। ଲାଗୁଛି ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ନବ ଦାସଙ୍କୁ ପୋଲିସ ମାରିଛି। ପୁଣି ପୋଲିସ କିଭଳି ଏହି ଘଟଣାର ତଦନ୍ତ କରିବ। ମାମଲାର ବିଚାରବିଭାଗୀୟ ତଦନ୍ତ ହେଉ ବୋଲି ସାଲୁଜା କହିଛନ୍ତି।

ନବଙ୍କୁ ହତ୍ୟା ପରେ ହତ୍ୟାକାରୀ ପୋଲିସକୁ ପାଗଳା ବିବେଚନା କରାଯିବ ବୋଲି ସାଙ୍ଗସାଥୀଙ୍କୁ ଯାହା କହିଥିଲି ତାହା ସତ ହୋଇଥିବା ନେଇ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ଉକ୍ତ ପୋଲିସ କର୍ମଚାରୀଙ୍କୁ ରିଭଲଭର କାହିଁକି ଦିନକ ପୂର୍ବରୁ ଦିଆଗଲା। ଯଦି ସେ ମାନସିକ ସ୍ତରରେ ଠିକ୍ ନ ଥିଲେ ତେବେ ତାଙ୍କୁ କାହିଁକି ସୁରକ୍ଷା ଦାୟିତ୍ୱରେ ରଖାଯାଇଥିଲା। ଏହି ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି, ତେଣୁ ଏହାର ସିବିଆଇ ତଦନ୍ତ ହେଉ ବୋଲି ସେ କହିଛନ୍ତି। ବିଜେଡି ବିଧାୟକ ଭୁପିନ୍ଦର ସିଂ କହିଛନ୍ତି, ଏହା ଦୁଃଖଦ ଘଟଣା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ସବୁ ସତ୍ୟାସତ୍ୟ ଜଣାପଡ଼ିବ।

ନବଙ୍କ ଦେହାନ୍ତ ଯୋଗୁ ଘୁଞ୍ଚିଲା ଭାଜପାର ବ୍ଲକ ଘେରାଉ

ଫେବୃୟାରୀ ୨ରୁ ସାନି କାର୍ଯ୍ୟକ୍ରମ

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଦିବଂଗତ ମନ୍ତ୍ରୀ ନବ କିଶୋର ଦାସଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୩ ଦିନ ଶୋକ ଦିବସ ପାଳନ ଲାଗି ଘୋଷଣା କରିଛନ୍ତି। ଏଥିଯୋଗୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନକୁ ନେଇ ହୋଇଥିବା ଚଞ୍ଚକତା, ତାଲିକାରୁ ଅଯୋଗ୍ୟଙ୍କୁ ବାଦ୍ ଏବଂ ଯୋଗ୍ୟଙ୍କୁ ସାମିଲ ଦାବିରେ ଭାଜପା ପକ୍ଷରୁ ମଙ୍ଗଳବାର ରାଜ୍ୟର ସବୁ ବ୍ଲକରେ ହେବାକୁ ଥିବା ଘେରାଉ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି । ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ନେଇ ଏହି ବ୍ଲକ ଘେରାଉ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୨,୩ ଓ ୪ ତାରିଖ ରାଜ୍ୟର ସମସ୍ତ ବ୍ଲକରେ ହେବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ଣେହେଲେ ବାସହୀନ ରହିବେ ନାହିଁ ଏବଂ ସମସ୍ତଙ୍କୁ ପକ୍କାଘର ଯୋଗାଇ ଦେବାର ଦାୟିତ୍ୱ କେନ୍ଦ୍ର ସରକାର ନେଇଛନ୍ତି। ମାତ୍ର ଦଳୀୟ ଆଧାରରେ ଏବଂ ଶାସକ ବିଜେଡି ନେତାଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ପୃଥ୍ୱୀରାଜ ଅଭିଯୋଗ କରିଛନ୍ତି ।

CLASSIFIED DISPLAY ALL EDITION - B/W (Everyday)
MORE SPACE • SAME PRICE
For Booking Contact: 0674-2580365, 9178722978, 8018240892, 9594447187, 9338226625

ଜଗନ୍ନାଥ ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
କମ୍ପାନୀ ଦ୍ୱାରା ପର୍ସନାଲ, ପ୍ରପର୍ଟି, ଏଗ୍ରିକଲ୍ଚର, ଏଜୁକେଶନ, ଆଧାର କାର୍ଡ, ହୋମ୍ ଲୋନ୍ 36 ଘଣ୍ଟାରେ, 2% ସୁଧ, 50% ରିହାତି । ଖରାପ ସିବିଲଧାରୀ ମଧ୍ୟ ଋଣ ପାଆନ୍ତୁ ।
ଏଜେଣ୍ଟ ଆମନ୍ତ୍ରିତ
7589086693

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

7 Year Anniversary

Subash Ch Dethi & Binodini Dethi
Wish you both a Happy Marriage Anniversary.
-:Best wishes from:-
Family, Friends & Relatives.
D-2632

Classified Everyday

0674-2580101, 2549949

automobile
SALE

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200

REAL ESTATE
SALE

Plot Sale at Nearby Sum Hospital Mendhasala, Bhubaneswar. 30ft Road, Plantation, Electricity, NH-16 Side Price Rs-1050/-, Rs-1250/- 7749892855, 8144855184, 9556392667. D-2628

Highly developed gated society gharabari plot sale near Toshali Square, Puri opposite Medical College. 9937373013. D-74802

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

Duplex sale at Bhubaneswar @ 45 Lakhs only- Contact: 9777433701. D-74199

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରରେ **BDA yellowzone** ପ୍ଲଟ୍ **boundary** ସହ ମିଳୁଅଛି। **8338932027, 7978676652.** D-74192

ଭୁବନେଶ୍ୱର ହଂସପାଳ ଛକଠାରୁ ବାଲିଅନ୍ତା ଥାନା ନିକଟବର୍ତ୍ତୀ **100** ଫୁଟ୍ ରାସ୍ତା ନିକଟରେ ୩୦ଫୁଟ୍ ରାସ୍ତା, ଇଲେକ୍ଟ୍ରିକ୍, ଡ୍ରେନେଜ, ପ୍ଲାଣ୍ଟେସନ୍, ସିକ୍ୟୁରିଟି ସୁବିଧା ଥାଇ ବାସୋପଯୋଗୀ ବାଉଣ୍ଡାରୀ ପ୍ଲଟ୍ ମିଳୁଅଛି। **9938298517.** D-74804

ଭୁବନେଶ୍ୱରରେ ଆଜି ପ୍ଲଟ୍ କିଣି ଆଜି ଘର କରନ୍ତୁ। Sqft. 950/-. 9439493164. D-74806

ଭୁବନେଶ୍ୱର ଟଙ୍କପାଣି ସାଇମନ୍ଦିର ଛକରୁ 5 K.M. ବେଣ୍ଟପୁର ମୌଜା-ଆଦର୍ଶ ବିଦ୍ୟାଳୟ ପାଖରେ ଘରବାରି ପ୍ଲଟ୍ ବିକ୍ରିହେବ। 9090809945, 9437114429. D-74805

30'road, boundary ଥାଇ **yellowzone proposed 100ft.** ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ **12,000/-** ରେ ମିଳୁଛି। **9937391249, 6371915941.** D-74195

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502

CONSTRUCTION

Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2583

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74186

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

Healthcare

A s r i b a d a Panchakarma herbal SPA, Kesarimall, Bhubaneswar. Contact: 8926173473. D-74633

Relax, Refresh your body, Mind at Saikrupa Spa with best therapies. 8984068077. D-2586

Newly open SPA positively health benefits with expert therapist. 7849011931. D-73677

AFFIDAVIT

I, SK Anwar Allam at # 1530/305, Jagannath Nagar, Bhubaneswar, 751010, I have changed my wife's name from Tabasum Ara Begum to Sayeda Tabasum Ara Begum vide affidavit dt 07.01.2023 sworn before Notary Jagyneswar Acharya, Bhubaneswar. D-2629

ମନେ ପଡ଼ନ୍ତି

ଓଁ ଗଙ୍ଗା


With profound grief we wish to inform that
Dr. Samir Kumar Das
(23.09.1948 - 22.01.2023)
Left for his heavenly abode on 22nd January 2023. He served the Nation in the B.S.F as IG (MED), C.R.P.F as Director (Medical) and later contributed in NHM, Odisha.
Missing him deeply Subha Das (Wife), Rachna & Mohit (Daughter & Son-in-law), Pranavi & Aditri (Grand Daughters) Das, Pattanaik & Vaishnava Families. (Mob: 9643949578)
ଧ-୭୩୭୪୨

ଏକାଦଶାହ ଉପଲକ୍ଷେ

ୱପାର୍ବତୀ ନାୟକ
ବେଳପାଳ, ବଡ଼ସାହି, ମୟୂରଭଞ୍ଜ
ତିରୋଧାନ: ୨୨।୦୧।୨୦୨୩
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଃସ୍ୱାର୍ଥପର ସେବା ଆମ୍ଭମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। **ଶୋକସନ୍ତପ୍ତ:** ପୁତ୍ର: ରବୀନ୍ଦ୍ର, ସୁଶାନ୍ତ, ଅମୀର, ପୁତ୍ରବଧୂ: ରାଧିକା, ମଧୁମିତା, ରେବତୀ, ନାତି: ସରୋଜ, ସତ୍ୟଜିତ୍, ଶୁଭଙ୍କର, ନାତୁଣୀ/ନାତୁଣୀ ଜ୍ୱାଇଁ: ସୁନିତା, ସୁମିତା, ଲକ୍ଷ୍ମୀପ୍ରିୟା, କାମିନୀକାନ୍ତ, ବିଜୟ, ଅଶନାତି/ ନାତୁଣୀ: ଆଦ୍ୟାଶା, ବିଦ୍ୟାଶା, ମିକୁନ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୨୬୩୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ୱକୁଳମଣୀ ସାହୁ
ରାଉତରାପୁର (କୁଣ୍ଡପାଟଣା), ରସୁଲପୁର, ଯାଜପୁର
ଆବିର୍ଭାବ ତା୦୫।୧୧।୧୯୬୦
ତିରୋଧାନ ତା ୨୧।୧୨।୨୦୨୩
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ, ନିଷ୍ଠାର ଅନନ୍ୟ ଉଦାହରଣ ତୁମେ । ତୁମ ଜୀବନର ଆଦର୍ଶ ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ବଡ଼ପୁଅ: ପ୍ରତାପ କୁମାର ସାହୁ (ରିଙ୍କୁ), ପୁତ୍ରବଧୂ: ସ୍ୱର୍ଣ୍ଣଲତା ସାହୁ (ସରପଞ୍ଚ ରାଉତରାପୁର ଗ୍ରା.ପ), ଶୋକାତୁର ବୃନ୍ଦ: ପୁତ୍ର: ପ୍ରଦିପ, ପ୍ରଶାନ୍ତ, ପ୍ରମୋଦ, ଅଶୋକ, ଲକ୍ଷ୍ମୀଧର, ସରୋଜ, ଭଣଜା: ସିଙ୍କୁ, ଗୁନା, ପପୁ, ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୬୩୦

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍

ଶିଶୁଙ୍କ ଯତ୍ନ

ଛୋଟ ପିଲାଙ୍କୁ ଥଣ୍ଡାକାଶ ଆଦି ବିଭିନ୍ନ ରୋଗ ହେବ ନାହିଁ ଏବଂ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବ। ଏଥିପାଇଁ ଜାଣନ୍ତୁ କିଛି ସହଜ ଘରୋଇ ଉପାୟ...

❖ଶିଶୁକୁ ଥଣ୍ଡାର ପ୍ରକୋପରୁ ଦୂରେଇ ରଖନ୍ତୁ। ଏଥିପାଇଁ ଆବଶ୍ୟକ ହେଲେ ଗରମ ପୋଷାକ ପିନ୍ଧାଇ ରଖନ୍ତୁ।

❖ପ୍ରତିଦିନ ସୋରିଷ ତେଲ କିମ୍ବା ନଡ଼ିଆ ତେଲକୁ ଉଷୁମକରି ପିଲାଙ୍କ ଶରୀରରେ ଭଲଭାବେ ମାଲିସ କରନ୍ତୁ। ତେଲ ମାଲିସ କରିବା ଫଳରେ ପିଲାଙ୍କ ତ୍ୱଚା ଶୁଷ୍କ ହୋଇ ନ ଥାଏ। ଏହା ସହ ଥଣ୍ଡା, କାଶ ଆଦି ବିଭିନ୍ନ ସମସ୍ୟା ମଧ୍ୟ ରହି ନ ଥାଏ।

❖ପିଲାଙ୍କ ଶରୀରକୁ ପୂରା ଘୋଡ଼ାଇ ରଖନ୍ତୁ। ବିଶେଷକରି ହାତ, ପାଦ ଓ କାନକୁ ଘୋଡ଼ାଇ ରଖନ୍ତୁ।

❖ସାଧାରଣତଃ ପିଲାଙ୍କର ଇମ୍ୟୁନିଟି କମ୍ ରହିଥାଏ। ତେଣୁ ଇମ୍ୟୁନିଟି ବୃଦ୍ଧି କରୁଥିବା ଭଳି ଖାଦ୍ୟ ଦିଅନ୍ତୁ। ପ୍ରତିଦିନ ତୁଳସୀପତ୍ରର ରସ ସହ ମହୁ ଓ ମଝିରେ ମଝିରେ ଅଳ୍ପ ଅଦାରସ ମିଶାଇ ପିଇବାକୁ ଦିଅନ୍ତୁ। ପିଲା ଯଦି ୩-୪ ବର୍ଷରୁ ଅଧିକ ହୋଇଥାଏ ତେବେ ବ୍ରୋକଲି କିମ୍ବା ଗାଜର ଆଦିରେ ସୁପ୍ ତିଆରି କରି ଉଷୁମ ଥିବାବେଳେ ପିଇବାକୁ ଦିଅନ୍ତୁ।

❖ଶିଶୁଙ୍କୁ ସୂର୍ଯ୍ୟସ୍ନାନ ନିଶ୍ଚୟ କରାନ୍ତୁ। ପିଲାଙ୍କୁ ପ୍ରତିଦିନ ସକାଳ ଓ ଅପରାହ୍ନରେ ଖରାରେ ଖୋଲାଦେହରେ କିଛି ସମୟ ରହିବାକୁ ଦିଅନ୍ତୁ।

ଗିଜର ଲଗାଉଥିଲେ...

ଉଷୁମ ପାଣିରେ ସ୍ନାନ କରିବା ପାଇଁ ଅଧିକାଂଶ ଘରେ ଗିଜର ଲଗାଇଥାନ୍ତି। କିନ୍ତୁ ଜାଣିଛନ୍ତି ଗିଜର ବ୍ୟବହାର ସମୟରେ ଅସାବଧାନ ରହିଲେ ଭୟଙ୍କର ବିପଦକୁ ସାମ୍ନା କରିବାକୁ ପଡ଼ିଥାଏ।

– ଅଧିକ ସମୟ ପର୍ଯ୍ୟନ୍ତ ଗିଜର ଗରମ ହୋଇ ରହିଲେ ହୁଏତ ତାହା ଫାଟିବାର ସମ୍ଭାବନା ରହିଥାଏ। ତେଣୁ ଆବଶ୍ୟକ ସମୟ ପରେ ତୁରନ୍ତ ଗିଜର ବନ୍ଦ କରିଦିଅନ୍ତୁ।

– ଅଧିକ ସମୟ ପର୍ଯ୍ୟନ୍ତ ଗିଜର ଗରମ ହୋଇ ରହିଲେ ଏହା ଉପରେ ଚାପ ପଡ଼ିଥାଏ ଏବଂ ଲିକେଜ୍ ସମସ୍ୟା ଉପୁଜିବାର ଆଶଙ୍କା ରହିଥାଏ। ତେଣୁ ପ୍ରତି ୨ ବର୍ଷରେ ଥରେ ଗିଜରକୁ ପରୀକ୍ଷା କରାଇ ନିଅନ୍ତୁ।

– ପ୍ରଥମେ ଗିଜର ଗରମ କରି ପାଣି ବାହାର କରିଦିଅନ୍ତୁ ଏହାପରେ ସୁଇଚ୍ ବନ୍ଦ କରି ସ୍ନାନ କରିବା ପାଇଁ ଭିତରକୁ ଯାଆନ୍ତୁ।

– ଗିଜର ଲଗାଇବା ସମୟରେ ଧ୍ୟାନ ରଖନ୍ତୁ ଯେପରି କାନ୍ଥ ଓ ଗିଜର ମଧ୍ୟରେ କିଛି ଫାଙ୍କା ସ୍ଥାନ ରହିବ।

– ୱାଟର ହିଟର କିଣୁଥିଲେ ସବୁବେଳେ ଭଲ ପ୍ରତିଷ୍ଠିତ ବ୍ରାଣ୍ଡର କିଣନ୍ତୁ। ସେହିପରି ଗିଜର ମଧ୍ୟ ଭଲ କ୍ୱାଲିଟିର ଲଗାନ୍ତୁ। ଯେଉଁଥିରେ ଆଇଏସ୍ଆଇ ମାର୍କ ନିଶ୍ଚୟ ଥିବ।

– ଅଟୋମେଟିକ୍ ସୁଇଚ୍ ଅଫ୍ ସିଷ୍ଟମ ଥିବା ଗିଜର ଘରେ ଲଗାନ୍ତୁ, ଫଳରେ ବିପଦ ଆଶଙ୍କା କମ୍ ରହିବ।

– ଗିଜରରେ ପ୍ରେସର କଣ୍ଟ୍ରୋଲ ସିଷ୍ଟମ ଥିଲେ ତାହା ଅତିରିକ୍ତ ଚାପକୁ ମଧ୍ୟ ବାଲାନ୍ସ କରିଥାଏ । ଫଳରେ ଗିଜର ଟାଙ୍କି ଫାଟି ନ ଥାଏ।

– ଠିକ୍ ସମୟରେ ଗିଜର ସର୍ଭିସିଂ କରାନ୍ତୁ ଏବଂ ଇଞ୍ଜିନିୟରଙ୍କ ଦ୍ୱାରା ହିଁ ଗିଜର ଲଗାନ୍ତୁ।

– ସବୁବେଳେ ବଡ଼ ଅର୍ଥାତ୍ ବାଥ୍‌ରୁମ୍ ପାଇଁ ୧୦ ରୁ ୩୫ ଲିଟର ଥିବା ଗିଜର ଲଗାନ୍ତୁ।

ସୀମା ଭିତରେ ସମ୍ପର୍କ

ସାଙ୍ଗ ହୋଇ ରହିବା ପ୍ରବୃତ୍ତି ମହିଳାଙ୍କ କ୍ଷେତ୍ରରେ ଢେର୍ ଅଧିକ। ହେଲେ କାହା ସହ କିଭଳି ବନ୍ଧୁତା କରିବାକୁ ହେବ ସେନେଇ ଜାଣିବା ବି ନିହାତି ଦରକାର। ବିଶେଷକରି ଅଫିସ୍‌ରେ ନିଜ ମାଲିକ କିମ୍ବା ସିନିୟରମାନଙ୍କ ସହ ନିବିଡ଼ତା କେତେଦୂର ଗ୍ରହଣୀୟ ସେନେଇ ଠିକ୍ ସମୟରେ ସତର୍କ ହେବା ଜରୁରୀ...

ଅଫିସ୍‌ରେ ସମସ୍ତଙ୍କ ସହ ମିଳିମିଶି କାମ କରିବା ଏକ ଭଲ ଗୁଣ। କିନ୍ତୁ ସହକର୍ମୀଭାବେ ସମସ୍ତଙ୍କ ସହ ମିଶିବା ଓ କଥାବାର୍ତ୍ତା କରିବାରେ ମହିଳାଙ୍କୁ ନିଜ ପାଇଁ ନିଜେ ଲକ୍ଷ୍ମଣଗାର ତିଆରି କରି ରଖିବା ଜରୁରୀ। ଅଫିସ୍‌ରେ ନିଜ ବିଭାଗର ମୁଖ୍ୟ କିମ୍ବା ମାଲିକଙ୍କ ସହ ଭଲ ସମ୍ପର୍କ ରଖିବା ଭୁଲ୍ କଥା ନୁହେଁ, କିନ୍ତୁ ଭବିଷ୍ୟତରେ ଏହି ସମ୍ପର୍କକୁ ନେଇ ହୁଏତ ଅସୁବିଧା ହୋଇପାରେ। ଯାହାଫଳରେ ବ୍ୟକ୍ତିଗତ ଜୀବନ କିମ୍ବା କ୍ୟାରିୟର ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ସମ୍ପର୍କର ଲକ୍ଷ୍ମଣଗାର ମଧ୍ୟରେ ରହିଲେ କ୍ୟାରିୟରରେ କୌଣସି ପ୍ରକାର ସମସ୍ୟା ଆସି ନ ଥାଏ।

ଠିକ୍ ନୁହେଁ ଆବଶ୍ୟକତାରୁ ଅଧିକ: ଅଫିସ୍‌ରେ ସବୁବେଳେ କାମକୁ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ୍। ନିଜ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ପାରିଲେ କ୍ୟାରିୟରରେ ସଫଳତା ମିଳିବା ସହିତ ବ୍ୟକ୍ତିଗତ ଜୀବନ ବି ଆନନ୍ଦମୟ ହୋଇଥାଏ। ଅଫିସ କାମକୁ ନେଇ ନିଜ ସହକର୍ମୀ ହୁଅନ୍ତୁ ଅବା ଡିପାର୍ଟମେଣ୍ଟ ମୁଖ୍ୟ ଅବା ମାଲିକ ହୁଅନ୍ତୁ ସମସ୍ତଙ୍କ ସହ ଆବଶ୍ୟକ ଅନୁଯାୟୀ ମିଳାମିଶା ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ। କିନ୍ତୁ କୌଣସି ପ୍ରକାରରେ ବି ଆବଶ୍ୟକତାଠାରୁ ଅଧିକ ମିଳାମିଶା ଆଦୌ ଗ୍ରହଣୀୟ ନୁହେଁ। ହୁଏତ କାହା ସହ ଘନିଷ୍ଠତା ବଢ଼ିପାରେ କିନ୍ତୁ ସେସବୁ ସମ୍ପର୍କ ଅଫିସ ବାହାରେ ରହିବା ଦରକାର। ତେଣୁ ଅଫିସ ଭିତରେ ପୁରୁଷ ସହକର୍ମୀ ହୁଅନ୍ତୁ ଅବା ମହିଳା, ସମସ୍ତଙ୍କ ସହ ଅଫିସ୍ କାମ ନେଇ ଯେତିକି ଆବଶ୍ୟକ ସେହି ଅନୁସାରେ ମିଶିବା ଫଳରେ କୌଣସି ସମସ୍ୟା ଆସି ନ ଥାଏ।

ସମସ୍ତଙ୍କର ସ୍ଥାନ ସ୍ୱତନ୍ତ୍ର: ଅଫିସ୍‌ରେ ବିଭିନ୍ନ ପଦବୀରେ ଭିନ୍ନ ଭିନ୍ନ ବ୍ୟକ୍ତି କାମ କରନ୍ତି। ତେଣୁ ସେ ଉପରିସ୍ଥ କର୍ମଚାରୀ ହୁଅନ୍ତୁ କି ସହକର୍ମୀ ହୁଅନ୍ତୁ ସମସ୍ତଙ୍କର ସ୍ୱତନ୍ତ୍ରତା ରହିଛି। ତେଣୁ କାହାକୁ ଛୋଟ ଦୃଷ୍ଟିରେ ଦେଖିବା ଯେମିତି ଭୁଲ୍ ସେମିତି ଉପରିସ୍ଥ ସହକର୍ମୀଙ୍କୁ ଅତ୍ୟଧିକ ଆନୁଗତ୍ୟ ପ୍ରକାଶ କରିବା ବି ଅନୁଚିତ। ଏପରି ହେଲେ ଅଫିସରେ ମହିଳାମାନେ ନିଜ ସ୍ୱତନ୍ତ୍ରତା ବି ହରାଇପାରନ୍ତି। ତେଣୁ ଏ ଦୃଷ୍ଟିରୁ ସଚେତନ ରହିବା ଜରୁରୀ।

ସକାରାତ୍ମକ ହେଉ ରକ୍ଷଣଶୀଳତା: କେତେଜଣ ମହିଳା ନିଜକୁ ଆଧୁନିକ ଦେଖାଇବା ପାଇଁ ଅଫିସରେ ପୁରୁଷ ସହକର୍ମୀଙ୍କ ସହ ଅବାଞ୍ଛିତ ମିଳାମିଶା କରନ୍ତି। ଏନେଇ ପରିବାର ହେଉ କି ବନ୍ଧୁମାନଙ୍କର କୌଣସି ପ୍ରକାରର କଟକଣା ସେମାନଙ୍କୁ ଗାଉଁଲି କିମ୍ବା ରକ୍ଷଣଶୀଳ ମାନସିକତା ବୋଲି ଧାରଣା ହୋଇଥାଏ। କିନ୍ତୁ ସକାରାତ୍ମକ ରକ୍ଷଣଶୀଳତା ସବୁ ସ୍ଥାନରେ ଉତ୍ତମ ଚରିତ୍ରର ଉଦାହରଣ ହୋଇଥାଏ ଏକଥାକୁ ଭୁଲିଯିବା ଠିକ୍ ନୁହେଁ। ସିନିୟର କିମ୍ବା ବସ୍‌ଙ୍କ ସହିତ ଘନିଷ୍ଠତା କରି କ୍ୟାରିୟରରେ ଆଗକୁ ବଢିହେବ ବୋଲି କେତେକଙ୍କର ମଧ୍ୟ ଧାରଣା ରହିଥାଏ। କିନ୍ତୁ ନିଜ ଯୋଗ୍ୟତା ଅନୁସାରେ ହିଁ ସବୁବେଳେ ସଫଳତା ମିଳେ ଏକଥାକୁ ଆଦୌ ଭୁଲିବା କଥା ନୁହେଁ। ଯଦି ବି କେହି ନିଜ ଯୋଗ୍ୟତା ନ ଥାଇ ଅନୁଗ୍ରହରେ କ୍ୟାରିୟରରେ ସଫଳତା ପାଇଥାନ୍ତି ତେବେ ତାହା କ୍ଷଣସ୍ଥାୟୀ ହୋଇଥାଏ। ତେଣୁ ସବୁବେଳେ ନିଜର ଯୋଗ୍ୟତା ବଢାଇବା ପାଇଁ ଚେଷ୍ଟା କରିବା ଜରୁରୀ।



ଏମାନେ କ'ଣ କରନ୍ତି

ଅଫିସ କାମରେ କଥା ହୁଏ: ଅଫିସ୍‌ରେ ମୁଁ ସମସ୍ତଙ୍କ ସହ ମିଶେ କେବଳ ଅଫିସିଆଲ କାମ ପାଇଁ। ଆବଶ୍ୟକ ନ ଥିଲେ ମୁଁ କାହା ସହ ଅଧିକ ସମୟ କଥା ହୁଏନି। ତେଣୁ ସହକର୍ମୀ ହୁଅନ୍ତୁ କି ମୋର ସିନିୟର ଅବା ବସ୍ ସମସ୍ତଙ୍କ ସହ ମୁଁ ମାପିଚୁପି କଥାବାର୍ତ୍ତା ହୁଏ। ଅବଶ୍ୟ ସହକର୍ମୀଙ୍କ ମଧ୍ୟରେ ମୋର କେତେଜଣ ବନ୍ଧୁ ବି ଅଛନ୍ତି ଯେଉଁମାନଙ୍କ ସହ ମୁଁ ସବୁ ସମସ୍ୟା ନେଇ ଆଲୋଚନା କରିଥାଏ। ମାତ୍ର ଅଫିସ୍‌ରେ ନୁହେଁ ବରଂ ଘରେ କିମ୍ବା ଅଫିସ ବାହାରେ କୌଣସି ସ୍ଥାନରେ ଏକାଠି ହେଲେ ଆମେ ମନକଥା ଗପୁ।

–ମହାଶ୍ୱେତା ତ୍ରିପାଠୀ, କର୍ମଜୀବୀ, ଭୁବନେଶ୍ୱର

ସତର୍କ ରହିଥାଏ: ଅଫିସରେ ପୁରୁଷ ସହକର୍ମୀଙ୍କ ସହ ବି ମୁଁ ମିଳାମିଶା କରେ, କିନ୍ତୁ ସମ୍ପର୍କର ସୀମା ଡେଇଁଲା ଭଳି କେବେ କୌଣସି କାମ କରିନି। ସେଥିପାଇଁ ଅଫିସରେ ମୋର ସମସ୍ତଙ୍କ ସହ ଭଲ ସମ୍ପର୍କ ରହିଛି। ଅଫିସ କାମରେ ମୁଁ ସମସ୍ତଙ୍କ ସହ ମିଶି କାମ କରେ। କାହା ସହ ଆବଶ୍ୟକତାରୁ ଅଧିକ ମିଳାମିଶା କରିବା ମତେ ଆଦୌ ପସନ୍ଦ ନୁହେଁ। ଅଫିସ ପରିବେଶକୁ ଖରାପ କରିବା ଭଳି କାହା ସହିତ ବି ମିଳାମିଶା କରିବା ଠିକ୍ ନୁହେଁ। ସେଥିପାଇଁ ମୁଁ ସବୁବେଳେ ସତର୍କ ରହିଥାଏ।

–ଶିବାନୀ ସେବିକା ସ୍ୱାଇଁ, କର୍ମଜୀବୀ, ନଖରା, କଟକ

ସୀମା ଡେଇଁ ନାହିଁ: ଅଫିସ୍‌ରେ ସବୁବେଳେ ମୋ କାମ ଉପରେ ହିଁ ଅଧିକ ଫୋକସ୍ କରେ। ସେଥିପାଇଁ ଆବଶ୍ୟକ ସ୍ଥଳେ ସହକର୍ମୀଙ୍କଠାରୁ ଆରମ୍ଭକରି ସିନିୟର ତଥା ମାଲିକଙ୍କ ସହ ବି ଦେଖା ସାକ୍ଷାତକରେ। କିନ୍ତୁ ସବୁବେଳେ ସୀମା ଭିତରେ ରହି କାମ କରୁଥିବାରୁ ମତେ କେହି ଆକ୍ଷେପ କରି କିଛି କହିବାର ସୁଯୋଗ ପାଇ ନ ଥାନ୍ତି। ମୋ ମତରେ ନାରୀମାନେ ଯେତେ ଆଧୁନିକ ହେଲେ ବି ସବୁବେଳେ ନିଜ ଚରିତ୍ର ଓ ଆଚରଣକୁ ନେଇ ସଚେତନ ରହିବା ଜରୁରୀ। *–ହିମଶ୍ୱେତା ସୁବୁଦ୍ଧିରାୟ, କର୍ମଜୀବୀ, ଚୌଦ୍ୱାର, କଟକ*

ସୌନ୍ଦର୍ଯ୍ୟ

କେଶ ପାଇଁ କଣ୍ଡିସନର

କେଶ ପାଇଁ କଣ୍ଡିସନର ଲଗାଇବା ନିହାତି ଜରୁରୀ। ଏହା କେଶକୁ କୋମଳ କରିବା ସହ ଏକ ସୁରକ୍ଷା ବଳୟ ଦେଇଥାଏ। ତେଣୁ କେଶ ଝଡ଼ିବା ମଧ୍ୟ କମ୍ ହୋଇଥାଏ। ତେବେ କିଭଳି ଭାବେ କଣ୍ଡିସନର ଲଗାଇଲେ କେଶ ପାଇଁ ଭଲ ହୋଇଥାଏ ସେସମ୍ପର୍କରେ ଜାଣିରଖନ୍ତୁ...

➤ଶାମ୍ପୁ ଲଗାଇବା ପରେ କଣ୍ଡିସନର ନିଶ୍ଚୟ ଲଗାନ୍ତୁ। ସମୟ କମ୍ ଥିବାରୁ କେତେକ କଣ୍ଡିସନର ଲଗାଇ ନ ଥାନ୍ତି, ଯାହାଫଳରେ କେଶ ଅତ୍ୟନ୍ତ ରୁକ୍ଷ ହୋଇଯାଏ। ତେଣୁ ସେପରି ଭୁଲ୍ ଆଦୌ କରନ୍ତୁ ନାହିଁ।

➤କଣ୍ଡିସନରକୁ ସବୁବେଳେ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଲଗାନ୍ତୁ। କେଶର ଗହଳ ଓ ଲମ୍ବା ଅନୁସାରେ ସଠିକ୍ ପରିମାଣର କଣ୍ଡିସନର ଲଗାନ୍ତୁ।

➤କେଶରେ କଣ୍ଡିସନର ଲଗାଇ ଅତି କମ୍‌ରେ ୨ ରୁ ୩ ମିନିଟ୍ ଛାଡ଼ି ଧୋଇ ଦିଅନ୍ତୁ। କେଶରୁ ଚିକ୍କଣ ଅଂଶ ବାହାରିବା ପର୍ଯ୍ୟନ୍ତ ଧୁଅନ୍ତୁ। କଣ୍ଡିସନର ଲଗାଇ ସଙ୍ଗେ ସଙ୍ଗେ କେଶ ଧୋଇଦେଲେ ତା'ର ଫାଇଦା ଠିକ୍ ଭାବେ ମିଳି ନ ଥାଏ।

➤ ଠିକ୍ ଭାବରେ ଏବଂ ଠିକ୍ ଢଙ୍ଗରେ ଲଗାଇବା ପରେ ହିଁ କେଶକୁ ଫାଇଦା ମିଳିଥାଏ। ତେଣୁ ହେୟାର ଟାଇପ୍ ଅନୁସାରେ ହିଁ କଣ୍ଡିସନର ଲଗାନ୍ତୁ। ଯଦି କୁଞ୍ଚୁକୁଞ୍ଚିଆ କେଶ ହୋଇଥାଏ ତେବେ ଷ୍ଟ୍ରଙ୍ଗ୍ କଣ୍ଡିସନର ଲଗାନ୍ତୁ।

➤ଶାମ୍ପୁ ଓ କଣ୍ଡିସନରକୁ ଏକ ସମୟରେ ଲଗାନ୍ତୁ ନାହିଁ। ପ୍ରଥମେ ଶାମ୍ପୁ କରି ଭଲଭାବେ କେଶକୁ ଧୋଇ ଦିଅନ୍ତୁ। ଏହାପରେ କଣ୍ଡିସନର ଲଗାନ୍ତୁ। ଖରାପ କ୍ୱାଲିଟିର କଣ୍ଡିସନର ଆଦୌ ଲଗାନ୍ତୁ ନାହିଁ।

ରୋଷେଇ ଟିପ୍ସ

❖ ଅଦା ରସୁଣ ପେଷ୍ଟ ତିଆରି କରୁଥିଲେ ସବୁବେଳେ ଅଦାର ଭାଗ କମ୍ ନିଅନ୍ତୁ। ଅଦା ୪୦ ପ୍ରତିଶତ ହୋଇଥିଲେ ରସୁଣର ଭାଗ ୬୦ ପ୍ରତିଶତ ନିଅନ୍ତୁ।

❖ ଟମାଟୋ ସୁପ୍ ତିଆରି କରୁଥିଲେ ସେଥିରେ କିଛି କଞ୍ଚାଲଙ୍କା, କିଛି କୋଲା ରସୁଣ ଓ ଖଣ୍ଡେ ଛୋଟ ଅଦାକୁ ଛେଚି ପକାଇ ଦିଅନ୍ତୁ। ସୁପ୍ ବହୁତ ସ୍ୱାଦିଷ୍ଟ ଲାଗିବ।

❖ ସୋରିଷ ମସଲାର କୌଣସି ତରକାରୀ ତିଆରି କରୁଥିଲେ ସେଥିରେ କିଛି ଧଳା ସୋରିଷ ଗୁଣ୍ଡ, ଅଳ୍ପ ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ କଷନ୍ତୁ। ତରକାରୀରେ ମସଲା ପିତା ଲାଗିବ ନାହିଁ।

❖ ପିଜା କିମ୍ବା ଅନ୍ୟ କିଛି ତିଆରି କରିବାବେଳେ ଯଦି ବଟରକୁ କଦୁକସ୍ କରିଥାନ୍ତି ତେବେ ମେସିନକୁ ସହଜରେ ସଫାକରିବା ପାଇଁ ସେଥିରେ ଆଳୁ କଦୁକସ୍ କରି ଦିଅନ୍ତୁ।

ଖାଦ୍ୟରୁଚି

ସୋୟାବିନ୍ ପକୋଡ଼ା

ଆବଶ୍ୟକ ସାମଗ୍ରୀ

ବଡ଼ ସୋୟାବିନ୍– ୨୫୦ ଗ୍ରାମ୍, ଦହି– ୨ ବଡ଼ ଚାମଚ, ଅଦା ରସୁଣ ପେଷ୍ଟ– ୨ ଚାମଚ, ଲଙ୍କା ଗୁଣ୍ଡ– ଅଧା ଚାମଚ, ହଳଦି ଗୁଣ୍ଡ ଅଳ୍ପ, ଗରମ ମସଲା ଗୁଣ୍ଡ– ଅଧା ଛୋଟ ଚାମଚ, ଜିରାଗୁଣ୍ଡ– ଅଧା ଚାମଚ, ଧନିଆ ଗୁଣ୍ଡ– ଅଧା ଚାମଚ, ବେସନ– ୨ ଚାମଚ, ଚାଉଳ ଗୁଣ୍ଡ– ୩ ଚାମଚ, ଆରାରୁଟ୍ ପାଉଡର– ୨ ଚାମଚ। ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ କିଛି ଗରମ ପାଣି କରି ସେଥିରେ ସୋୟାବିନ୍‌କୁ କିଛି ସମୟ ଭିଜାଇ ରଖନ୍ତୁ। ସୋୟାବିନ୍ ନରମ ହେବା ପରେ ପାଣିରୁ ଚିପୁଡି ବାହାର କରନ୍ତୁ। ଏବେ ସେଥିରେ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଦହି, ଲୁଣ ଓ ଅଦା ରସୁଣ ପେଷ୍ଟକୁ ପକାଇ ଭଲଭାବେ ମିଶାନ୍ତୁ। ଏହି ମିଶ୍ରଣରେ ୨ ଚାମଚ ବେସନ, ଚାଉଳ ଗୁଣ୍ଡ ଓ ଆରାରୁଟ୍ ପାଉଡର ପକାଇ ଗୋଳାଇ ନିଅନ୍ତୁ। ମିଶ୍ରଣକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ କଡ଼େଇରେ ତେଲ ଗରମ କରି ସୋୟାବିନ୍‌କୁ ଗୋଟି ଗୋଟି କରି ଛାଣି ନିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସୋୟାବିନ୍ ପକୋଡ଼ା। ଏହା ଉପରେ କିଛି ଛଣା ହୋଇଥିବା ଭୁର୍ଜୁଙ୍ଗ ପତ୍ର ଓ କଟା ପିଆଜ ପକାଇ ପରଷି ଦିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୩୧/୨୦୨୩ Bhubaneswar, Tuesday, January 31/ 2023

ମୁଖ୍ୟ କୋଚ୍ ପଦରୁ ରିଡ୍‌ଙ୍କ ଇସ୍ତଫା

ବିଶ୍ୱକପ୍ ବିଫଳତା

ନୂଆଦିଲ୍ଲୀ,୩୦।୧(ପି.ଟି.)

ଭାରତୀୟ ହକି ଦଳର ମୁଖ୍ୟ କୋଚ୍ ପଦରୁ ସୋମବାର ଇସ୍ତଫା ପ୍ରଦାନ କରିଛନ୍ତି ଗ୍ରାହାମ ରିଡ୍। ସଦ୍ୟ ସମାପିତ ହକି ବିଶ୍ୱକପ୍‌ରେ ଆୟୋଜକ ଭାରତୀୟ ଦଳର ଖରାପ ପ୍ରଦର୍ଶନ କାରଣରୁ ସେ ଓହରି ଯାଇଛନ୍ତି। ୨୦୧୯ ଏପ୍ରିଲରେ ରିଡ୍ ଭାରତୀୟ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଆସନ୍ତା ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ଯାଏ ରିଡ୍‌ଙ୍କ କାର୍ଯ୍ୟକାଳ ରହିଥିଲା। ସୋମବାର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ସେ ନିଜର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଭାରତୀୟ ଦଳ ସହ ମୋର ସମୟ ଶେଷ ହୋଇଛି, ପରବର୍ତ୍ତୀ ମ୍ୟାନେଜ୍‌ମେଣ୍ଟକୁ କାର୍ଯ୍ୟଭାର ପ୍ରଦାନ କରିବାର ସମୟ ଉପନୀତ ବୋଲି ସେ କହିଛନ୍ତି। ଭାରତୀୟ ଦଳ ଓ ହକି ଇଣ୍ଡିଆ ସହିତ କାର୍ଯ୍ୟ କରିବା ମୋ ପାଇଁ ଗୌରବର ବିଷୟ। ଏହି ଯାତ୍ରାର ପ୍ରତ୍ୟେକଟି ମୁହୂର୍ତ୍ତକୁ ମୁଁ ଉପଭୋଗ କରିଛି ଏବଂ ଦଳକୁ ଭବିଷ୍ୟତ ପାଇଁ ମୋର ଶୁଭକାମନା ବୋଲି ରିଡ୍ କହିଛନ୍ତି। ହକି ଇଣ୍ଡିଆ ସଭାପତି ତିର୍କୀ ଓ ମହାସଚିବ ଭୋଳାନାଥ ସିଂ ହକି ବିଶ୍ୱକପ୍ ପ୍ରଦର୍ଶନର ସମୀକ୍ଷା ପାଇଁ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଭେଟିବା ପରେ ରିଡ୍ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ସମୀକ୍ଷା ବୈଠକରେ ଦଳର ପ୍ରଦର୍ଶନ ସହିତ ଭବିଷ୍ୟତ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରିଡ୍‌ଙ୍କ ବ୍ୟତୀତ ବିଶ୍ଳେଷକ କୋଚ୍ ଗ୍ରେଗ୍ କ୍ଲାର୍କ ଓ ବୈଜ୍ଞାନିକ ପରାମର୍ଶଦାତା ମିଚେଲ୍ ଡେଭିଡ୍ ପେମେର୍ଟନ ମଧ୍ୟ ସୋମବାର ନିଜ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ସମସ୍ତେ ଏକ ମାସର ନୋଟିସ ପିରିୟଡ ଯାଏ ସେମାନଙ୍କ ପଦବୀରେ ରହିବେ ବୋଲି ଜଣାପଡ଼ିଛି।

ଗ୍ରାହାମ ରିଡ୍

ରିଡ୍‌ଙ୍କ ଅଧୀନରେ ଭାରତୀୟ ଦଳ ବେଶ୍ ସଫଳତା ହାସଲ କରିଥିଲା। ଦୀର୍ଘ ୪୧ ବର୍ଷ ପରେ ଭାରତ ଅଲିମ୍ପିକ୍ସରେ ଏକ ପଦକ ହାସଲ କରିଥିଲା। ଏହା ବ୍ୟତୀତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଏବଂ ୨୦୨୧-୨୨ ପ୍ରୋ ହକି ଲିଗ୍‌ରେ ଦଳ ତୃତୀୟ ସ୍ଥାନ ହାସଲ କରିଥିଲା। ତାଙ୍କ ଅଧୀନରେ ଭାରତ ୨୦୧୯ରେ ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ ବିଜୟୀ ହୋଇଥିଲା। ସମାନ ବର୍ଷ ଭାରତ ଟୋକିଓ ଅଲିମ୍ପିକ୍ସ ପାଇଁ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲା। ୩ ଜଣଙ୍କ ଇସ୍ତଫା ପତ୍ରକୁ ହକି ଇଣ୍ଡିଆ ସଭାପତି ତିର୍କୀ ମଞ୍ଜୁର ପ୍ରଦାନ କରିଛନ୍ତି। ଭାରତ ସର୍ବଦା ରିଡ୍‌ଙ୍କ ନିକଟରେ କୃତଜ୍ଞ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ରିଡ୍ ଓ ତାଙ୍କ ସପୋର୍ଟ ଷ୍ଟାଫ୍ ଟିମ୍ ଭଲ ଫଳ ପ୍ରଦାନ କରିଥିଲେ। ସମସ୍ତ ଯାତ୍ରା ଏକ ନୂଆ ଦିଗକୁ ବାଟ କଢ଼ାଇଥାଏ। ଭାରତୀୟ ଦଳ ମଧ୍ୟ ଏକ ନୂତନ ଆଭିମୁଖ୍ୟ ଆଡ଼କୁ ଅଗ୍ରସର ହେବ ବୋଲି ତିର୍କୀ କହିଛନ୍ତି। ଅପେକ୍ଷାକୃତ ଦୁର୍ବଳ ନ୍ୟୁଜିଲାଣ୍ଡ ନିକଟରୁ କ୍ରସ୍ ଓଭର ମ୍ୟାଚ୍ ହାରିବା ସହିତ ଭାରତ କ୍ୱାର୍ଟର ଦୌଡ଼ରୁ ବାଦ୍ ପଡିଥିଲା। ପୁଲ୍ ଡି'ରେ ସ୍ଥାନ ପାଇଥିବା ଭାରତ ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ସ୍ଥାନରେ ରହିଥିଲା। ଭାରତୀୟ ଦଳ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍‌କୁ ୨-୦ରେ ପରାସ୍ତ କରିଥିବା ବେଳେ ଇଂଲଣ୍ଡ ବିପକ୍ଷ ଗୋଲଶୂନ୍ୟ ମ୍ୟାଚ୍‌ରେ ପଏଣ୍ଟ ବାଣ୍ଟିଥିଲା। ଅନ୍ତିମ ମ୍ୟାଚ୍‌ରେ ୱେଲ୍ସକୁ ୪-୨ରେ ପରାସ୍ତ କରିଥିଲା ଭାରତ। ଉଭୟ ଭାରତ ଓ ଇଂଲଣ୍ଡ ଅପରାଜେୟ ରହି ସମାନ ୭ ପଏଣ୍ଟ ଅର୍ଜନ କରିଥିବା ବେଳେ ଉନ୍ନତ ଗୋଲ ବ୍ୟବଧାନରେ ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ମାତ୍ର ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ଦଳ ସଡନ୍ ଡେଥ୍‌ରେ ପରାଜିତ ହୋଇଥିଲା।

କର୍ନାଟକକୁ ହରାଇ କ୍ୱାର୍ଟରରେ ଓଡ଼ିଶା

ଓଡ଼ିଶା ବିଚ୍ ଫୁଟବଲ ଦଳ।

ଭୁବନେଶ୍ୱର, ୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଜାତୀୟ ବିଚ୍ ଫୁଟ୍‌ବଲ ଚାମ୍ପିୟନଶିପ୍

ଓଡ଼ିଶା ହିରୋ ଜାତୀୟ ବିଚ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଦଳ ସୋମବାର ପ୍ରତିଯୋଗିତାର ଚତୁର୍ଥ ମ୍ୟାଚରେ ଦଳ ୭-୩ ଗୋଲ୍‌ରେ କର୍ନାଟକକୁ ହରାଇ ଦେଇଛି। ଓଡ଼ିଶା ପକ୍ଷରୁ ଅଧିନାୟକ ବାପୁନୀ ବିନ୍ଧାଣୀ (୩ୟ, ୨୨ତମ, ୨୭ତମ ଓ ୩୫ତମ) ଚାରୋଟି, ସୁବାସ ପୂଜାରୀ (୬ଷ୍ଠ ଓ ୨୯ତମ ମିନିଟ୍) ଦୁଇଟି ଏବଂ ବଦଳି ଖେଳାଳି ମହମ୍ମଦ ବିଲାଲ ଗୋଟିଏ ଗୋଲ୍ ଦେଇଥିଲେ। କର୍ନାଟକ ତରଫରୁ ମହମ୍ମଦ ଲୁକ୍‌ମାନ ଶେଖ୍‌ଜୀ (୩୨ତମ ଓ ୩୩ତମ) ଦୁଇଟି ଏବଂ ଅଧିନାୟକ ମହମ୍ମଦ ସୁଫିୟାଁ (୩୨ତମ) ଗୋଟିଏ ଗୋଲ୍ ଦେଇଥିଲେ।

ଋଷିନାଥଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୩୦।୧(ସ୍ପୋର୍ଟ୍ସ ବ୍ୟୁରୋ): ଫୁଟବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ)ର ଯୁଗ୍ମ ସଚିବ ଋଷିନାଥ ସାହୁଙ୍କ ପରଲୋକ। କ୍ରୀଡା ପ୍ରଶାସକ ଭାବରେ ଓ ଫୁଟବଲ ରେଫରୀ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଋଷିନାଥ। ଫାଓ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ତାଙ୍କର ଅକାଳ ବିୟୋଗରେ ଶୋକ ପ୍ରକାଶ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ରାଜ୍ୟ ସିନିୟର କରାଟେ: ଭୁବନେଶ୍ୱର ଚାମ୍ପିୟନ୍

ଭୁବନେଶ୍ୱର,୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ୩୪ ତମ ରାଜ୍ୟ ସିନିୟର ଓ ୨୧ ବର୍ଷରୁ କମ କରାଟେ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ୧୯ ଜିଲ୍ଲାରୁ ମୋଟ ୧୫୦ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଉତରାଖଣ୍ଡରେ ଆଗାମୀ ଫେବୃୟାରି ମାସରେ ହେବାକୁ ଥିବା ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ଏଥିରୁ କରାଟେକା ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଏମ୍‌ବିଏସ ପବ୍ଲିକ ସ୍କୁଲର ଚେୟାରମ୍ୟାନ ସୋରେନ ମହାପାତ୍ର, ରୁଚି ଫୁଡଲାଇନର ପ୍ରୋପାଇଟର ରଶ୍ମୀ ସାହୁ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ । ଓଡିଶା ରାଜ୍ୟ କରାଟେ ସଂଘର ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ସଭ୍ୟ କାଳି ପ୍ରସାଦ ନନ୍ଦ, ସମ୍ପାଦକ ଡ. ଗୌରି ମହାନ୍ତି, ସେନସେଇ ଖାରବେଳ ମଲିକ, ରାଜୀବ ସିଂ, ସନ୍ଦୀପ ମହାନ୍ତି, ଦୀପକ ସାମନ୍ତରାୟ, ସନକ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଦଳଗତ ଭାବେ ଭୁବନେଶ୍ୱର ୨୫ ସ୍ୱର୍ଣ୍ଣ , ୧୬ ରୌପ୍ୟ ଓ ୧୬ ବ୍ରୋଞ୍ଜ ସହ ପ୍ରଥମ ସ୍ଥାନ , କୋରାପୁଟ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ବାଲେଶ୍ୱର ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ରାଜ୍ୟ ସିନିୟର କରାଟେ: ଅତିଥି ଓ କର୍ମକର୍ତ୍ତାଙ୍କ ସହ କୃତୀ ପ୍ରତିଯୋଗୀ।

ଖେଲୋ ଇଣ୍ଡିଆରେ ଭାଗନେବେ ଗୋପୀନାଥ

ପୁରୀ ଅଫିସ, ୩୦।୧

ମଧ୍ୟପ୍ରଦେଶର ଭୋପାଲରେ ସୋମବାରଠାରୁ ଖେଲୋ ଇଣ୍ଡିଆ-୨୦୨୨ ଆରମ୍ଭ ହୋଇଛି। ଏହା ଫେବୃୟାରୀ ୧୧ ପର୍ଯ୍ୟନ୍ତ ଚାଲିବ। ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସ ପାଇଁ ରାଜ୍ୟର ଏକମାତ୍ର ପୁରୁଷ ମୁଷ୍ଟିଯୋଦ୍ଧା ଗୋପୀନାଥ ଗୋଚ୍ଛିକାର ଚୟନ ହୋଇଛନ୍ତି। ସେ ୭୫ କେଜିରୁ ୮୦ କେଜି ଓଜନ ବର୍ଗରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଗୋପୀନାଥ ପୁରୀ ବକ୍ସିଂ ଏକାଡେମୀର ଛାତ୍ର। ପ୍ରତିଯୋଗିତାରେ ଭାଗନେବାକୁ ଗୋପୀନାଥ ଓ ତାଙ୍କ କୋଚ୍ ସୁଦର୍ଶନ ସାହୁ ସୋମବାର ଭୁବନେଶ୍ୱର ବିମାନବନ୍ଦରଠାରୁ ଭୋପାଲ ଅଭିମୁଖେ ଯାତ୍ରା କରିଛନ୍ତି। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଯୁବ ସଙ୍ଗଠକ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ବକ୍ସିଂ ଏକାଡେମୀ ସଭାପତି ସୁଦର୍ଶନ ସାହୁ, ବଡି ବିଲ୍ଡର ଅନିଲ ଗୋଚ୍ଛିକାର, କ୍ରୀଡ଼ା ସଙ୍ଗଠକ କୃଷ୍ଣଚନ୍ଦ୍ର ପଣ୍ଡା, ବିଶ୍ୱଭୂଷଣ ପଣ୍ଡା ଓ ପ୍ରଦୀପ ଦାସ ପ୍ରମୁଖ ଗୋପୀନାଥଙ୍କ ସଫଳତା କାମନା କରିଛନ୍ତି।

କୋଚ୍‌ଙ୍କ ସହ ଗୋପୀନାଥ।

ଟିମ୍ ଇଭେଣ୍ଟରେ ଓଡ଼ିଶା ବାଳିକା ରନରଅପ୍

ଭୁବନେଶ୍ୱର,୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଟାଏକୋଣ୍ଡୋ ଫେଡେରେଶନ ଅଫ ଇଣ୍ଡିଆ ଓ ଉତ୍ତର ପ୍ରଦେଶ ଟାଏକୋଣ୍ଡା ସଙ୍ଘ ମିଳିତ ଆନୁକୂଲ୍ୟରେ ଜାନୁଆରୀ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରେଲିଠାରେ ୩୯ ତମ ଜାତୀୟ ଜୁନିଅର କିରୋଗୀ ଓ ୧୨ତମ ଜାତୀୟ ପୁମସି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡିଶା ଟାଏକୋଣ୍ଡୋ ସଙ୍ଘ ତରଫରୁ ୩୧ ଜଣିଆ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। କିରୋଗୀର ଟିମ୍ ଇଭେଣ୍ଟରେ ବାଳିକା ଦଳ ରନରଅପ୍ ହୋଇଥିବା ବେଳେ ପୁମସିରେ ବାଳକ ଦଳ ରନରଅପ୍ ରହିଛି। କିରୋଗୀ ଇଭେଣ୍ଟର ବାଳିକା ବର୍ଗରେ ସୁମନ ସୁଆର ଓ ଅପୂର୍ବା ଆର୍ଯ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ବାଳକ ବର୍ଗରେ ପିୟୁଷ ପ୍ରସାଦ ଷଡ଼ଙ୍ଗୀ ଓ ବାଳିକା ବର୍ଗରେ ପ୍ରିୟଙ୍କା ବଡ଼ଜେନା ଓ ସ୍ୱପ୍ନା ଭୋଇ ବ୍ରୋଞ୍ଜ ପଦକ ଜିତିଥିଲେ।

ଟ୍ରଫି ସହ ରନରଅପ୍ ଓଡ଼ିଶା ବାଳିକା ଦଳ।

ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର,୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ପୁମସି ଇଭେଣ୍ଟରେ ବ୍ୟକ୍ତିଗତ ବିଭାଗରେ ଜଗବନ୍ଧୁ ସାହୁ ଓଅଙ୍କିତା ପାତ୍ର ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଯୁଗଳ ବିଭାଗରେ ସୋମ୍ୟ ପ୍ରତାପ ନାୟକ ଓ ଅଙ୍କିତା ପାତ୍ର ରୌପ୍ୟ ପଦକ ହାସଲ କରିଥିଲେ। ବାଳକ ଦଳରେ ଜଗବନ୍ଧୁ ସାହୁ, ଚାରସନ ମହାପାତ୍ର, ବି.ଗୌରଭ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ବାଳିକା ଦଳ ପକ୍ଷରୁ ସୁନୟନା ମେହେର, ମନୀଷା ସାହୁ ଓ ସୁଲଗ୍ନା ମିଶ୍ର ସ୍ୱର୍ଣ୍ଣ ପଦକ ଜିତିଥିଲେ। ଓଡିଶା ଟାଏକୋଣ୍ଡୋ ସଙ୍ଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜଙ୍କ ତରଫରୁ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ଦଶ ହଜାର, ରୌପ୍ୟ ପଦକ ବିଜେତାଙ୍କୁ ସାତ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାକୁ ପାଞ୍ଚ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବ।

ଭୁବନେଶ୍ୱର,୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଗୁଜରାଟରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍ ଜୁନିୟର ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପ୍ରତିଯୋଗୀ ମାନେ ୩ ପଦକ ହାସଲ କରିଛନ୍ତି। ୧୭ ବର୍ଷରୁ କମ ଶଟପୁଟରେ ସତ୍ୟନାରାୟଣ ଜେନା (୮.୧୮ ମିଟର) ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ଟି-୧୧ ବର୍ଗର ୧୦୦ ମି. ଦୌଡରେ ଅବିନାଶ ସୌରା ରୌପ୍ୟ ଓ ଲମ୍ବ ଡିଆଁରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୩.୭୭ ସେକେଣ୍ଡର ସମୟ ନେଇ ସେ ରୌପ୍ୟ ପଦକ ହାସଲ କରିଥିବା ବେଳେ ୪.୫୯ ମିଟର ଦୂରତ୍ୱ ଅତିକ୍ରମ କରି ସେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

ଅବିନାଶ ସୌରା

ସତ୍ୟନାରାୟଣ ଜେନା

ଫାଇନାଲରେ ଭାରତ

ବଫାଲୋ ପାର୍କ, ୩୦।୧ (ଏପି)

ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ମହିଳା ତ୍ରିରାଷ୍ଟ୍ରୀୟ ଟି୨୦ କ୍ରିକେଟ ସିରିଜ୍ ଫାଇନାଲରେ ପ୍ରବେଶ କରିଛି ଭାରତ। ସୋମବାର ୱେଷ୍ଟଇଣ୍ଡିଜକୁ ଭାରତ ୮ ଉଇକେଟରେ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୬ ଉଇକେଟରେ ୯୪ ରନ୍ କରିଥିବା ବେଳେ ଭାରତ ୧୩.୫ ଓଭରରେ ଦୁଇ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦୀପ୍ତି ଶର୍ମା ୧୧ ରନ୍ ଦେଇ ୩ ଉଇକେଟ ନେଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ହିଲି ମାଥ୍ୟୁସ ୩୪ ରନ୍ କରିଥିଲେ। ୯୫ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ପକ୍ଷରୁ ଜେମାଇମା ରୋଡ୍ରିଗ୍ସେଜ୍ ୪୨* ଓ ହରମନ୍‌ପ୍ରୀତ୍ କୌର ୩୨* ରନ୍ କରି ଦଳକୁ ବିଜୟୀ କରିଥିଲେ।

ସଂକ୍ଷିପ୍ତ ସ୍କୋର

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୯୪/୬(ହେଲି ମାଥ୍ୟୁସ୍-୩୪, ଜାଇଦା ଜେମ୍ସ-୨୧, ଶାବିକା ଗଜନବି-୧୨, ଦୀପ୍ତି ଶର୍ମା-୩/୧୧, ପୂଜା ବସ୍ତ୍ରକାର-୨/୧୯, ରାଜେଶ୍ୱରୀ ଗାଏକ୍ୱାଡ-୧/୯) ଭାରତ ୧୩.୫ ଓଭରରେ ୯୫/୨ (ଜେମାଇମା ରୋଡ୍ରିଗ୍ସେଜ୍-୪୨*, ହରମନ୍‌ପ୍ରୀତ୍ କୌର-୩୨*, ହରଲିନ୍ ଦେଓଲ-୧୩, ଶମିଲା କନେଲ୍-୧/୧୭, ହେଲି ମାଥ୍ୟୁସ୍-୧/୭)।

ଅନ୍ତର୍ଜାତୀୟ କ୍ରିକେଟରୁ ବିଜୟଙ୍କ ଅବସର

ଚେନ୍ନାଇ, ୩୦।୧(ପି.ଟି.)

ଭାରତୀୟ ଦଳରୁ ବିଦା ହୋଇଥିବା ମୁରଲୀ ବିଜୟ ସୋମବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଏହି ଡାହାଣହାତୀ ବ୍ୟାଟର ଦେଶ ପାଇଁ ୬୧ ଟେଷ୍ଟ, ୧୭ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଏବଂ ୯ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଦେଶ ତରଫରୁ ଶେଷଥର ପାଇଁ ସେ ୨୦୧୮ ଡିସେମ୍ବରରେ ଅଷ୍ଟ୍ରେଲିଆ ବିପକ୍ଷରେ ପର୍ଥ ଟେଷ୍ଟ ଖେଳିଥିଲେ। ମୁରଲୀ ବିଜୟ ୨୦୦୮-୦୯ ସିଜନରେ ଗୌତମ ଗମ୍ଭୀରଙ୍କ ସ୍ଥାନରେ ନାଗପୁରରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ସେ ଶେଷଥର ପାଇଁ ୨୦୨୦ରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଖେଳିଥିଲେ। ୩୮ ବର୍ଷୀୟ ମୁରଲୀ ଖେଳିଥିବା ୬୧ ଟେଷ୍ଟରୁ ୩୯୮୨ ରନ୍ ସଂଗ୍ରହ କରିଥିଲେ। ତାଙ୍କର ଆଭରେଜ୍ ୩୮.୨୮ ରହିଥିବା ବେଳେ ସର୍ବୋଚ୍ଚ ସ୍କୋର ୧୬୭ ରନ୍ ରହିଥିଲା। ସେ ୧୨ ଶତକ ଓ ୧୫ ଅର୍ଦ୍ଧଶତକ ହାସଲ କରିଥିଲେ। ୧୭ ଅନ୍ତର୍ଜାତୀୟ ଦିନିକିଆରେ ୩୩୯ ରନ୍ କରିଥିଲେ। ଆହୁରି ମଧ୍ୟ ସେ ୭ ଅନ୍ତର୍ଜାତୀୟ ଟି୨୦ରୁ ୧୬୯ ରନ୍ କରିଥିଲେ। ଆଇପିଏଲ୍‌ରେ ସେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ଚମତ୍କାର ବ୍ୟାଟିଂ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୦ ସିଜନରେ ମୁରଲୀ ସୁପର କିଙ୍ଗ୍ସ ତରଫରୁ ଖେଳି ୪୫୮ ରନ୍ ସ୍କୋର କରିଥିଲେ। ତନ୍ମଧ୍ୟରେ ତାଙ୍କର ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ସାମିଲ। ଚେନ୍ନାଇରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ତାଙ୍କ ବିସ୍ଫୋରକ ୧୨୭ ରନ୍ ଉଲ୍ଲେଖନୀୟ ରହିଥିଲା। ଏଭଳି ପ୍ରଦର୍ଶନ ଲାଗି ସେ ଜାତୀୟ ଦଳ ପକ୍ଷରୁ ଡାକରା ପାଇଥିଲେ।

ମୁରଲୀ ବିଜୟ

ଇନ୍‌ଫୋସିସ୍ ଚାମ୍ପିୟନ

ଭୁବନେଶ୍ୱର,୩୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ଡିସିବି ବ୍ୟାଙ୍କ ପକ୍ଷରୁ ମଞ୍ଚେଶ୍ୱରସ୍ଥିତ ରେଲୱେ ଷ୍ଟାଡିୟମରେ ରାଜ୍ୟର ପ୍ରମୁଖ କର୍ପୋରେଟ ସଂସ୍ଥାର ସ୍ପୋର୍ଟ୍ସ ୟୁନିଟ୍‌କୁ ନେଇ ଡିସିବି ପ୍ରିମିୟର ଲିଗ୍ (ଡିପିଏଲ) ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଶାସକ ତଥା ଓଏସଡି ସିଏସ ଦିଲ୍ଲୀପ ରାଉତରାୟ, ଓପିଜିସି ଏମଡି ପ୍ରଶାନ୍ତ କୁମାର ମହାପାତ୍ର, ଏଚଡିଏଫସି ଲାଇଫର ମୁଖ୍ୟ ଅଶ୍ୱିନୀ ବିୟାଲା, ଇନଫୋସିସର ଭିପି କ୍ୱାଲିଟି ସତ୍ୟଜିତ ମହାନ୍ତି ଏବଂ ଡିସିବି ବ୍ୟାଙ୍କର ମୁଖ୍ୟ ଦୁର୍ଗା ପ୍ରସାଦ ରଥ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ଆଇଟି କମ୍ପାନୀ ଇନଫୋସିସ ଏବଂ ଡିସିବି ବ୍ୟାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡିସିବି ବ୍ୟାଙ୍କ ଦଳ ୨୦ଓଭରରେ ୫ ଉଇକେଟ ହରାଇ ମୋଟ ୧୩୪ ରନ୍ ସଂଗ୍ରହ କରିଥିବା ବେଳେ ବିପକ୍ଷ ଇନ୍‌ଫୋସିସ ଦଳ ୧୯.୩ ଓଭରରେ ୬ ଉଇକେଟ ହରାଇ ୧୩୫ରନ୍ ଚାମ୍ପିୟନ ହୋଇଥିଲା। ଇନ୍‌ଫୋସିସର ପାର୍ଥ ସାମଲ ମ୍ୟାନ ଅଫ୍ ଦି ମ୍